## ନୂଆବର୍ଷରେ ସମଲେଇଙ୍କ ନୂଆ ବେଶ

# ରୂପା ପରଭାରେ ଝଲସିବେ ମା'

**ସମ୍ବଲପୁର, ୩୧।୧୨(ସମିସ):** ଇଂରାଜୀ ନୂଆଁବର୍ଷରୁ ସମ୍ବଲପୁରର ମା' ସମଲେଶ୍ୱରୀ ନୂଆଁ ବେଶରେ ସଜ୍ଜିତ ହୋଇ ଦର୍ଶନ ଦେବେ। ସମଲେଶ୍ୱରୀ ମନ୍ଦିରରେ ଦେବତାଙ୍କର କପଡ଼ା ପୃଷ୍ଠଭୂମି ରୂପାରେ ବଦଳା ଯାଇଛି। ପୃଷ୍ଠଭୂମି ବ୍ୟତୀତ ଦେବୀଙ୍କ ଛତ୍ର (ଛତା ଆକୃତିର ସାଜସଜ୍ଜା) ଶୁଦ୍ଧ ରୂପା ଦ୍ୱାରା ତିଆରି ହୋଇଛି।



## ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

ଯାହାକୁ ମାଁ ସମଲେଇ ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେବେ। ଶ୍ରଦ୍ଧାଳୁମାନେ ଦାନ କରିଥିବା ରୂପାରେ ଏହା ତିଆରି ହୋଇଛି। ନୂଆଁ ବର୍ଷରେ ଭକ୍ତଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସକାଳ ୫ଟାରେ ମଙ୍ଗଳ ଆଳତି ଓ ନୀତିକାନ୍ତି ହେବ। ସକାଳ ୬ଟାରେ ଭକ୍ତଙ୍କ ପାଇଁ ସାଧାରଣ ଦର୍ଶନ ଆରମ୍ଭ ହୋଇଯିବ। ଦିବା ୧୧ଟା ୪୫ ମିନିଟ୍‌ରୁ ଅପରାହ୍ନ ୧୨ଟା ୧୫ମିନିଟ୍ ପର୍ଯ୍ୟନ୍ତ ଅନ୍ନଭୋଗ ଲାଗି ହେବା ପାଇଁ ଦର୍ଶନ ବନ୍ଦ ରହିବ। ସେହିପରି ସନ୍ଧ୍ୟା ୭ଟା ୪୫ରୁ ୮ ଟା ୧୫ରେ ଆଳତି ପାଇଁ ବନ୍ଦ ରହିବ। ଏହାପରେ ରାତି ୯ଟାରୁ ୯ ଟା ୨୦ ପର୍ଯ୍ୟନ୍ତ ରାତି ଅନ୍ନଭୋଗ ପାଇଁ ବନ୍ଦ ରହିବ। ରାତି ୧୦ଟାରେ ପହଡ ନୀତି ସହ ଦର୍ଶନ ବନ୍ଦ ହେବ। ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂଜକ ଓ ସ୍ୱେଚ୍ଛାସେବୀମାନେ ମଧ୍ୟ ସହଯୋଗ କରିବେ ବୋଲି ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଜାନୁଆରୀ ମାସରେ ରୂପା ଛତର କାମ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ତାହା ପୂରଣ ହୋଇଛି। ଆସନ୍ତାକାଲି ନୂଆଁ ବର୍ଷରେ ରୂପା ଛତର ଲଗାଯିବ। ବର୍ତ୍ତମାନ ଦେବତାଙ୍କର କପଡ଼ାରେ ତିଆରି ଏକ ପୃଷ୍ଠଭୂମି ରହିଛି। ଯେହେତୁ ମନ୍ଦିର ତଥା ଏହାର ଆଖପାଖରେ ଅନେକ ରୂପାନ୍ତର କାମ ଚାଲିଛି। ମନ୍ଦିର ଗମ୍ଭୀରା ଭିତରେ ମଧ୍ୟ ପରିବର୍ତ୍ତନ କରିବାକୁ ଯୋଜନା କରାଯାଇଥିଲା। ଆମେ ଏହାକୁ ଏକ ଆକର୍ଷଣୀୟ ରୂପା ପୃଷ୍ଠଭୂମି ସହିତ ବଦଳାଇବାକୁ ସ୍ଥିର କରିଥିଲୁ। ଦେବୀଙ୍କ ଛତ୍ର ପୁରୁଣା ହୋଇଯାଇଛି। ଏହାକୁ ରୂପା ଦ୍ୱାରା ନିର୍ମିତ କରାଯିବାକୁ ସ୍ଥିର ହୋଇଥିଲା। ଜାନୁଆରୀରେ ଛତ୍ର ମନ୍ଦିରରେ ସ୍ଥାପନ କରାଯିବା ଲକ୍ଷ୍ୟ ରଖାଯାଇଥିଲା ଯାହା ପୂରଣ ହୋଇଛି। ପୂର୍ବରୁ ଏଣ୍ଡୋମେଣ୍ଟସ୍ ବିଭାଗ ଏହି ପ୍ରସ୍ତାବକୁ ଅନୁମୋଦନ କରିସାରିଥିଲା। ଏହା ବ୍ୟତୀତ ବ୍ୟାକଡ୍ରପ୍ ଏବଂ ଛତ୍ରର ଡିଜାଇନ୍ ଜଣେ ସୁନାରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ୧୦୦ କିଲୋଗ୍ରାମ ରୂପା ଲାଗିବ ବୋଲି ଆକଳନ କରାଯାଇଥିଲା, ହେଲେ ପରିମାଣ କମିଯାଇଛି। ମନ୍ଦିରରେ ପାଖାପାଖି ୧୧କିଲୋଗ୍ରାମ ରୂପା ଅଳଙ୍କାର ଥିଲା। ବ୍ୟବହାର ହୋଇଥିବା ବାକି ରୂପା ଶ୍ରଦ୍ଧାଳୁ ମାନେ ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି।



# ସମ୍ବଲପୁରରେ ୩ଟି କୌଶଳ ରଥର ଶୁଭାରମ୍ଭ

**ସମ୍ବଲପୁର, ୩୧।୧୨(ସମିସ):** ଇଂରାଜୀ ନବବର୍ଷର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ଯୁବବର୍ଗଙ୍କୁ ମାଗଣାରେ ଡିଜିଟାଲ ଶିକ୍ଷା ସହ ସେମାନଙ୍କୁ ଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ରବିବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଗୋଶାଳା ଛକରୁ ଏନ୍‌ଏସ୍‌ଡିସି ଦ୍ୱାରା ୩ଟି ଅତ୍ୟାଧୁନିକ କୌଶଳ ରଥ ଶୁଭାରମ୍ଭ କରିଛନ୍ତି। ସମ୍ବଲପୁର ସମେତ ଏହି ରଥ ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗଡ଼ିବ। ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେସିନ ଲର୍ଣ୍ଣିଂର ଚାହିଦା ବଢ଼ୁଛି। ଦେଶରେ ଡିଜିଟାଲ କାରବାରର ନୂଆ ରୂପରେଖ ପରିବର୍ତ୍ତନ ହୋଇଛି। ଯୁବଶକ୍ତିଙ୍କ ଆବଶ୍ୟକତାକୁ ଦେଖି ସେମାନଙ୍କୁ ଦକ୍ଷ କରିବା ପାଇଁ ପଡ଼ିବ। ନିର୍ଦ୍ଦିଷ୍ଟ ସମୟ ଅବଧିରେ ପଞ୍ଜିକରଣ କରିଥିବା ଯୁବକ ଯୁବତୀ ମାନଙ୍କୁ ଟ୍ରେନିଂ ଦିଆଯିବ। ଆତ୍ମ ନିର୍ଭର ହେବା ପାଇଁ ଉଦ୍ୟମିତାର ପ୍ରଶିକ୍ଷଣ ଦିଆଯିବ। ଗାଁ ବିଶେଷ ଭାବରେ ଗରିବ ଯୁବକ ଯୁବତୀ ମାନଙ୍କ ଦକ୍ଷତା ବଢ଼ାଇବା ଦିଗରେ ଏହି ରଥ କାମ କରିବ। ଆଗାମୀ ଦିନର ପରିବର୍ତ୍ତିତ ଦୁନିଆରେ ନୂତନ ଟେକ୍ନୋଲୋଜି ଓ ସ୍କିଲ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଅତ୍ୟାଧୁନିକ ଉପକରଣରେ ସୁସଜ୍ଜିତ ଏହି ସ୍କିଲ୍ ରଥ ଯୁବବର୍ଗଙ୍କୁ ବହୁତ ଲାଭ ଦେବ। କମ ସମୟ ମଧ୍ୟରେ ଡିଜିଟାଲ ଶିକ୍ଷା ପ୍ରଦାନ କରିବ। ଦକ୍ଷତା ରଥ ଆମ ଯୁବପିଢ଼ିଙ୍କୁ କୁଶଳ କରିବା ଭଳି ସମସ୍ତ ସୂଚନା ପ୍ରଦାନ କରିବ। ବିଭିନ୍ନ କଲେଜରେ ଛାତ୍ରଛାତ୍ରୀ ମାନଙ୍କୁ ଏହି ଅତ୍ୟାଧୁନିକ କୌଶଳ ରଥ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। ଏହା ଯୁବବର୍ଗଙ୍କ ପାଇଁ ଆର୍ଥିକ ସାକ୍ଷରତା, ଡିଜିଟାଲ ସାକ୍ଷରତା, ରିଟେଲ ଦକ୍ଷତା ଏବଂ ଉଦ୍ୟମିତା ଆଦିର ଏକ ବଡ଼ ପ୍ଲାଟଫର୍ମ ଭାବେ କାମ କରିବ। ଆଗାମୀ ଦିନରେ ଗାଁ ଗାଁରେ ଏଭଳି ରଥ ଚଳାଇବାର ଯୋଜନା କରାଯିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଧାୟକ ନାଉରି ନାଏକ, ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜଏସ୍ୱାଲ ଉପସ୍ଥିତ ରହିଥିଲେ।



# ଘନ କୁହୁଡ଼ି ଯୋଗୁଁ ଓଲଟିଲା ଟ୍ରକ୍ ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର



**କୁଚିଣ୍ଡା, ୩୧।୧୨(ସମିସ):** ଶନିବାର ମଧ୍ୟରାତ୍ରିରେ ଏକ ୧୦ଚକିଆ ଟ୍ରକ୍ ଲଇଡ଼ାରୁ କୁଚିଣ୍ଡା ପଟକୁ ଆସୁଥିବା ବେଳେ ଲଇଡ଼ା-ଦଳପତପାଲି ମଝିରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଘନ କୁହୁଡି ହେତୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ହେଲେ ଭାଗବଶତଃ ଏଥିରେ ଡ୍ରାଇଭରଙ୍କ କୌଣସି କ୍ଷତି ହୋଇ ନଥିଲା। ଟ୍ରକ୍‌ଟି କିଛି ଅଖାବସ୍ତା ନେଇ ଫେରୁଥିଲା।

# ବଡ଼ମାଳ ଉଛବ ସମ୍ପନ୍ନ | ଲୋକକଳା, ଲୋକଗୀତରେ ବିମୋହିତ ଦର୍ଶକ

**ରେଢ଼ାଖୋଲ, ୩୧।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡ଼ମାଲ ଜୟ ଜଗନ୍ନାଥ ହାଇସ୍କୁଲ ପଡ଼ିଆଠାରେ ବଡ଼ମାଲ ଉଚ୍ଛବ୍



ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଢୋଲ, ଲିସାନ୍, ତାସାର ତାଳେ ତାଳେ ବିଭିନ୍ନ କଳା ସଂସ୍କୃତିକୁ ନେଇ ଏହି ବଡ଼ମାଳ ଉଚ୍ଛବ୍ ଅନୁଷ୍ଠିତ ହୋଇଥିଲା। ଜୟ ଜଗନ୍ନାଥ ଯୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଅଶୋକ କୁମାର ବାଘ ଓ ସମ୍ପାଦକ ଗୁପ୍ତେଶ୍ୱର ରଣାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଫିଲ୍ମ ପ୍ରଯୋଜକ ମନୋଜ ମିଶ୍ର, ପ୍ରଦୀପ ଅଗ୍ରୱାଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମସେନ ମଲ୍ଲିକ, ବଡ଼ମାଳ ସରପଞ୍ଚ ତୁଙ୍ଗଭଦ୍ରା ବିଶ୍ୱାଳ, ରେଙ୍ଗାଲି ସରପଞ୍ଚ ସୁରେନ୍ଦ୍ରି ଭୋଇ, ବଡ଼ମାଳ ସମିତି ସଭ୍ୟ ରଞ୍ଜୁ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସୁରସଙ୍ଗମ ଲୋଇସିଂହା, ଭୀମଭୋଇ କଳା ପରିଷଦ ବୀରମହାରାଜପୁର, ଡାଲଖାଇ ରସରକେଲି ବଲାଙ୍ଗୀର, କଳାହାଣ୍ଡି ଘୁଡୁକା ଓ ଲୋକକଳା ଚୁଲବୁଲି ଗାୟିକା ସୁପ୍ରିୟା ଶର୍ମା ସୋନପୁର ଏବଂ ମନୋରଞ୍ଜନ ପାଇଁ ସମ୍ବଲପୁର ମା ଇଷ୍ଟଦେବୀ ମେଲୋଡି ଆଦି ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି ଦର୍ଶକଙ୍କ ମନମୋହି ଥିଲେ। ସମାଜରେ ଭାଇଚାରା ସୃଷ୍ଟି ହେବା ସହ ବିଶେଷ କରି ଲୁଚି ଯାଉଥିବା ବିଭିନ୍ନ କଳା ସଂସ୍କୃତିକୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା। ଉଚ୍ଛବକୁ ଆହୁରି ମନଲୋଭା ତଥା ସୁନ୍ଦର କରିବା ଏବଂ ସ୍ଥାନୀୟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରିବା ଉପରେ ସ୍ଥାନୀୟ ଜୟ ଜଗନ୍ନାଥ ଯୁଥ କ୍ଲବର କର୍ମକର୍ତ୍ତା ମାନେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ସହ ରେଢ଼ାଖୋଲର ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ପ୍ରଧାନ, ତପନ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ନାଗ ଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ରେଢ଼ାଖୋଲ ପ୍ରଖଣ୍ଡରେ ଶ୍ରୀରାମଙ୍କ ଅକ୍ଷତ ବଣ୍ଟନ



**ରେଢ଼ାଖୋଲ, ୩୧।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଖନ୍ଦାଢ଼ିପ ନୂଆସାହି ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ଶ୍ରୀରାମ ଜନ୍ମଭୂମିରୁ ଆସିଥିବା ଅକ୍ଷତ, ନିମନ୍ତ୍ରଣ ଓ ଅଯୋଧ୍ୟା ମନ୍ଦିରର ଫଟୋଚିତ୍ର ରେଢ଼ାଖୋଲ ପ୍ରଖଣ୍ଡର ସମସ୍ତ ୧୪ ଖଣ୍ଡ ଗ୍ରାମ ପଞ୍ଚାୟତରେ ବଣ୍ଟନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସଂପାଦକ ଓ ସଭାପତି ଆସି ପୂଜିତ ଅକ୍ଷୟ କଳସ ନେଇ ନିଜ ଗ୍ରାମରେ ଏବଂ ଗ୍ରାମର ପ୍ରତ୍ୟେକ ପରିବାରରେ ନିମନ୍ତ୍ରଣ ପାଇଁ ଯୋଜନା କରାଯାଇ ଅକ୍ଷୟ କଳସ ବଣ୍ଟନ କରାଯାଇଥିଲା। ଅକ୍ଷତ ବଣ୍ଟନ କାର୍ଯ୍ୟ ଆସନ୍ତା ଜାନୁୟାରୀ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସମୟସୀମାରେ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଉକ୍ତ ବୈଠକରେ ସନ୍ଥ ଅଖିଳେଶ୍ୱର ଦାସଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ବୈଠକରେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସତସଂଗ ପ୍ରମୁଖ ହରିଶଙ୍କର ହୋତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ରେଢ଼ାଖୋଲ ସଭାପତି କନ୍ଦର୍ପ ସାହୁ, କାର୍ଯ୍ୟକାରୀ ସଭାପତି ଶରତଚନ୍ଦ୍ର ପୃଷ୍ଟି, ସଂପାଦକ ପରମେଶ୍ୱର ପ୍ରଧାନ, ରେଢାଖୋଲ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖଣ୍ଡ ଚାଳକ ସନ୍ତୋଷ କୁମାର ରଥ, ସ୍ୱୟଂସେବକ ସୁବାସ ପ୍ରଧାନ, ମନୋଜ୍ କୁମାର ସାହୁ, ଶିବା ପ୍ରଧାନ, ରାଜୁ ପରମାର ଓ ପୂଜକ ପ୍ରଶାନ୍ତ ରଥଙ୍କ ସହିତ ପଞ୍ଚାୟତର ସମସ୍ତ ସଂପାଦକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ପରମେଶ୍ୱର ପ୍ରଧାନ ଧନ୍ୟବାଦ ଦେଇ ସଭାକାର୍ଯ୍ୟକୁ ସାଙ୍ଗ କରିଥିଲେ।

# ଭତରାରେ ମାଁ ରାମଚଣ୍ଡୀ ମନ୍ଦିର ରତ୍ନମୁଦ ମହୋତ୍ସବ

**ସମ୍ବଲପୁର, ୩୧।୧୨(ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭତରା ଶଙ୍କର ମଠ ପରିସରରେ ନବନିର୍ମିତ ମାଁ ରାମଚଣ୍ଡୀ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଳତା ଜାତିର ୬ଟି ପୀଠରୁ ଆସିଥିବା ଆଜ୍ଞାମାଳକୁ ଘଣ୍ଟ, ଶଙ୍ଖ, ହୁଳହୁଳିରେ ସ୍ୱାଗତ କରି ମନ୍ଦିର ସ୍ଥଳକୁ ଅଣାଯାଇଥିଲା। ଯଜ୍ଞମଣ୍ଡପରେ କଳସ ସ୍ଥାପନା କରାଯାଇ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଭତରା ଗ୍ରାମର କାର୍ତ୍ତିକ ସ୍ୱାଇଁ ସହଧର୍ମିଣୀ ମଇଥିଲି, ଡ଼. ରବୀନ୍ଦ୍ର ପ୍ରଧାନ ସହଧର୍ମିଣୀ ସାଗରିକା, ଯତୀନ୍ଦ୍ର ପ୍ରଧାନ ସହ ଧର୍ମିଣୀ ଝିଲି ୩ ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ପୀଠରୁ ଆସିଥିବା ପୂଜକଙ୍କ ଦ୍ୱାରା ମାଁ ରାମଚଣ୍ଡୀଙ୍କ ସ୍ୱତନ୍ତ ପୂଜା ଅର୍ଚ୍ଚନା ପରେ ତିଥି ଲଗ୍ନ ଅନୁଯାୟୀ ମନ୍ଦିରର ଶୀର୍ଷ ଭାଗରେ ଥିବା କୁମ୍ଭରେ ଧାନ, ସୁନା, ରୂପା ତଥା ଧାତବ ଦ୍ରବ୍ୟ ସମ୍ବଲପୁର କୁଳତା ସମାଜର ସଭାପତି ଯଶୋବନ୍ତି ନାୟକ, ୧୯ ଖଣ୍ଡ ମୌଜାର ସଭାପତି ଚକାନନ ସା, ହରଡ଼ାଟାଲ (ବଲାଙ୍ଗୀର) ସଭାପତି ବେଲାର ସିଂ ଭୋଇ, ଠେମରା ସଭାପତି ମଣିକର ସାହୁ, ବିଶାଳଖିଣ୍ଡା ସଭାପତି ସଚିତା ନନ୍ଦ ପ୍ରଧାନ, ଅମ୍ବାବନା ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ, ଝାରସୁଗୁଡା ସଭାପତି ଅନନ୍ତ ରାମ ସାହୁ, ଲପଙ୍ଗା ସଭାପତି ଲଳିତ କୁମାର ସାହୁ, ଅତାବିରା ର ଦିବାକର ପ୍ରଧାନ, କଦେଲପିଟା ର ଡିଲେଶ୍?ର ପ୍ରଧାନ, ସୁବର୍ଣ୍ଣପୁରର ବନମାଳୀ ପ୍ରଧାନ ପ୍ରମୁଖ ଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ସମାଜ ର ଜାତିଭାଇ ଗଣ ଉତ୍ସବରେ ସାମିଲ ହୋଇଥିଲେ ଓ ସମ୍ବଲପୁର କୁଳତା ସମାଜର କୃପାସିନ୍ଧୁ ଖମାରୀ, ଶଙ୍କର ମଠ ପରିଚାଳନା ସମିତି ସଭାପତି ଜଗନ୍ନାଥ ବାରିକ, ଜଗଦୀଶ ବିଶ୍ୱାଳ, ଜଟାଭୂଷଣ ସାହୁ, ସରୋଜ ସାହୁ, ଭବାନୀ ଶଙ୍କର ପ୍ରଧାନ, ନିରଞ୍ଜନ ପ୍ରଧାନ, ରୁଦ୍ର ନାରାୟଣ ପାତ୍ର, ନିମାଇଁ ଚରଣ ବଡ଼ାଇ, ମନୋରଞ୍ଜନ ଖଟେଇ ପ୍ରମୁଖଙ୍କ ସମେତ ଭତରା ଗ୍ରାମବାସୀ ଏହି ଉତ୍ସବକୁ ପରିଚାଳନା କରିଥିଲେ ଓ ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଅନ୍ନଭୋଗ ର ବ୍ୟବସ୍ଥା କରାଯାଇଥିଲା ଓ ଏହି ଅବସରରେ ମନ୍ଦିର ପରିସରରେ ଭତରା ର ମହିଳା ସଂକୀର୍ତନ୍ୟ ଦଳ ପକ୍ଷରୁ ନାମ ସଂକୀର୍ତନ ଏବଂ ସପ୍ନେଶ୍ୱର ନଗର ଭଜନ ମଣ୍ଡଳୀ ପକ୍ଷରୁ ଭଜନ ସମାବେଶ ଅନୁଷ୍ଠିତ ହୋଇଥିଲା।








## ପଞ୍ଚଶାସନୀ ବ୍ରାହ୍ମଣ ସମାଜର ବାର୍ଷିକ ଅଧିବେଶନ

# ଆଧୁନିକତା ସହ ସଂସ୍କାର ଶିକ୍ଷା ପାଇଁ ପରାମର୍ଶ

**ରେଙ୍ଗାଲି, ୩୧।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ସାଲଡ ପ୍ରଗଣାରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ପଞ୍ଚଶାସନୀ ବ୍ରାହ୍ମଣ ସମାଜର ସପ୍ତବିଂଶତମ ବାର୍ଷିକ ଅଧିବେଶନ




ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଅବସରପ୍ରାପ୍ତ ପ୍ରଧାପକ, ଗବେଷକ ତଥା ବୈଜ୍ଞାନିକ ଗଣପତି ପଣ୍ଡା ଯୋଗଦାନ କରିଥିଲେ। ଆଧୁନିକତା ପ୍ରଭାବରେ ସଂସ୍କାର ତଥା ଜୀବନଶୈଳୀରେ ନକାରାତ୍ମକ ପ୍ରଭାବ ଉପରେ ବକ୍ତାଗଣ ଗୁରୁତ୍ୱାରୋପ କରିଥିଲେ। ସମାଜର ସ୍ଥାୟୀ ସଭାପତି ତଥା ଗୋପାଳଜୀ ମଠ ମହନ୍ତ ହୃଷିକେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ କାର୍ଯ୍ୟକାରୀ ସଭାପତି ପଣ୍ଡିତ ଲକ୍ଷ୍ମଣ କୁମାର ବେହେରା, ସାଧାରଣ ସମ୍ପାଦକ ସରୋଜ କୁମାର ଧର, ଉଦ୍ୟୋକ୍ତା ବିଶିକେଶନ ବିଶ୍ୱାଳ, ଅବସରପ୍ରାପ୍ତ ଫରେଷ୍ଟ ଅଫିସର ତଥା ସାହିତ୍ୟିକ ଦୁର୍ଗା ପ୍ରସାଦ ନାଥ, ବିପିନ ବିହାରୀ ବିଶ୍ୱାଳ, ଡ: ଶ୍ୟାମସୁନ୍ଦର ଧର ମଞ୍ଚାସୀନ ଥିଲେ। ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ହୃଷିକେଶ ନାଥ ବାର୍ଷିକ ଆୟ ବ୍ୟୟର ଉପସ୍ଥାପନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୩ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇଆଇଟି, ନିଟ୍ ତଥା ହାଇସ୍କୁଲ ଓ କଲେଜ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୯ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ସହ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜ ସଂସ୍କାର ଏବଂ ବ୍ରାହ୍ମଣ ସମାଜର ଉନ୍ନତି ନିମନ୍ତେ ରମାକାନ୍ତ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପାଣି, ପ୍ରଦୀପ୍ତ କୁମାର ନାଥ, ଫକୀର ମୋହନ ତ୍ରିପାଠୀ, ବସନ୍ତ କୁମାର ନାଥ, ତୃପ୍ତାମୟୀ ନାଥ, ସନ୍ତୋଷିନୀ ନାଥ ତଥା ଅନ୍ୟ ବକ୍ତାମାନେ ମତବ୍ୟକ୍ତ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ସମ୍ପାଦକ ନିଶିକାନ୍ତ ବିଶ୍ୱାଳଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ୪୧ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ପ୍ରସନ୍ନ କୁମାର କର କାର୍ଯ୍ୟକାରୀ ସଭାପତି, ବାଳକୃଷ୍ଣ ବିଶ୍ୱାଳ ଓ ସରୋଜ କୁମାର ଧର ଉପ ସଭାପତି, ହୃଷିକେଶ ବେହେରା ସାଧାରଣ ସମ୍ପାଦକ, ସୁଶିଳ କୁମାର ନାୟକ ଓ ନିଶିକାନ୍ତ ବିଶ୍ୱାଳ ସହ ସମ୍ପାଦକ ଓ କାମିନୀ ମୋହନ ଶର୍ମାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାତାମାନେ ହେଲେ



ନିଶିକାନ୍ତ ବିଶ୍ୱାଳ, ନନ୍ଦଲାଲ ବିଶ୍ୱାଳ, ଦୁର୍ବାଦଳ ଦାସ, ମହେନ୍ଦ୍ର ବିଶ୍ୱାଳ, ବିଶ୍ୱବିହାରୀ ପାଣି, ଦେବାଶିଷ ସେନାପତି, ନୀଳାଚଳ ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ, ଶ୍ରୀତମ କୁମାର ବିଶ୍ୱାଳ, ସୌମ୍ୟରଞ୍ଜନ ପଣ୍ଡା, ସସ୍ମିତା ବିଶ୍ୱାଳ, ଅବନୀ ରଞ୍ଜନ ବେହେରା, ଶଙ୍କର ବିଶ୍ୱାଳ, ଅଭିଷେକ ପାଣିଗ୍ରାହୀ, ସୁଧାଂଶୁ ତ୍ରିପାଠୀ, ନନ୍ଦିନୀ ବିଶ୍ୱାଳ, ଦୀପିକା ପଣ୍ଡା, ଶିବନ ତ୍ରିପାଠୀ, ରଘୁନନ୍ଦନ ତ୍ରିପାଠୀ, ରାଜ କିଶୋର ବିଶ୍ୱାଳ, ଶମ୍ଭୁନାଥ ପାଣି, ଜୟ ପ୍ରକାଶ ବିଶ୍ୱାଳ, ଅଶୋକ କୁମାର ନାଥ, ଜ୍ଞାନେନ୍ଦ୍ର କୁମାର ବଶ୍ୱାଳ, ନିପୁ କୁମାର ପାଢ଼ୀ, ଭାରତୀ ତ୍ରିପାଠୀ, ସନ୍ତୋଷ କୁମାର ପଣ୍ଡା, ଶ୍ରୀକାନ୍ତ କୁମାର ବିଶ୍ୱାଳ, ରାଜେଶ କୁମାର ସେଠ୍, ଶୁଭମ୍ ବିଶ୍ୱାଳ, ଲକ୍ଷ୍ମଣ ବରିହା, ବାବୁଲୁ ନାୟକ, ମନୋଜ କୁମାର ତ୍ରିପାଠୀ, ପଦ୍ମଲୋଚନ ବିଶ୍ୱାଳ, ସତ୍ୟନାରାୟଣ ବିଶ୍ୱାଳ, ଅମିତ୍ କୁମାର ବେହେରା, ସିମନ୍ କୁମାର ବିଶ୍ୱାଳ, ସୁଶୀଳ କୁମାର ସେନାପତି ଓ ସାଶ୍ୱତ ନାୟକ

# ପିକ୍‌ନିକ୍ ପାଇଁ ଯାଉଥିଲେ ; ଟ୍ରକ୍ ଚାପାରେ ଗଲା ଦୁଇ ଜୀବନ

ବରଗଡ଼, ୩୧।୧୨(ସମିସ)

ସାଙ୍ଗ ସାଥି ତଥା ପରିବାର ସହିତ ପିକନିକ କରିବାକୁ ଯାଉଥିବା ବେଳେ ରବିବାର ସକାଳେ ବାଇକରେ ଯାଇଥିବା ଦୁଇ ଜଣ ଯୁବକଙ୍କ ଟ୍ରକ ଚାପାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ବରଗଡ଼ ହାଟପଦା ୱାର୍ଡ ନମ୍ବର ୩ ଅଞ୍ଚଳର ବିଶ୍ୱନାଥ ସାହୁ (୪୦) ଏବଂ ଅର୍ଜୁନ ରାଉତ (୪୭) ବୋଲି ଜଣାପଡ଼ିଛି । ବର୍ଷର ଶେଷ ଦିନରେ ବିଶ୍ୱନାଥ ଏବଂ ଅର୍ଜୁନ ନିଜ ପରିବାର ସଦସ୍ୟଙ୍କୁ ଗୋଟିଏ ବୋଲେରୋ ଗାଡିରେ ହୀରାକୁଦକୁ ପିକନିକ ପାଇଁ ପଠାଇବା ସହ ନିଜେ ଏକ ବାଇକରେ ସେଠାକୁ ଯାଉଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଥିଲା । ମୃତ ଅର୍ଜୁନ ଏବଂ ବିଶ୍ୱନାଥ ଏକ ବାଇକରେ ହୀରାକୁଦ ଯାଉଥିବା ବେଳେ ସକାଳ ପ୍ରାୟ ୬ ଟା ସମୟରେ ନାଗେନପାଲି ଏଫସିଆଇ ଗୋଦାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଘୋଷାଡି ନେଇଥିଲା । ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିବା ବେଳେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା । ଏ ନେଇ ଗ୍ରାମାଞ୍ଚଳ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।



## ରାସ୍ତା କଡ ବେଆଇନ ପାର୍କିଂ ନେଲା ଜୀବନ

ରବିବାର ସକାଳେ ବରଗଡ଼ରେ ବଣଭୋଜି ପାଇଁ ଯାଉଥିବା ଦୁଇ ଯୁବକଙ୍କ ଟ୍ରକ ଚାପାରେ ମୃତ୍ୟୁ ଘଟିଥିବା ବେଳେ ରାସ୍ତା କଡ ବ୍ରୋଇନ ପାର୍କିଂ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ବରଗଡ଼-ନାଗେନପାଲି ଓଭରବ୍ରିଜ ନିକଟସ୍ଥ ଏ'ସିଆଇ ଗୋଦାମ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଟ୍ରକ ବେଆଇନ ଭାବରେ ଛିଡା ହୋଇଥାଏ । ଯଦ୍ୱାରା ଉକ୍ତ ରାସ୍ତାରେ ସବୁ ସମୟରେ ଟ୍ରାଁକ ସମସ୍ୟା ଲାଗି ରହିଥିବା ବେଳେ ପୁଲିସ ପ୍ରଶାସନ ହେଉ କିମ୍ବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଆସୁଛି । ଏପରିକି ବିଭିନ୍ନ ବିଭିନ୍ନ ସମୟରେ ଏଠାରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ବେଳେ ଏଥିପ୍ରତି ବିଭାଗୀୟ ଅଧିକାରୀ ଆଖି ବୁଜି ଦେଉଥିବା ବେଳେ ଆଜି ଦୁଇ ଜଣ ଯୁବକଙ୍କୁ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି ।

## ସପ୍ତାହରେ ଦୁଇ ଦୁର୍ଘଟଣାରେ ଚାରି ଜଣଙ୍କ ମୃତ୍ୟୁ

ବରଗଡ଼ ସହରରେ ବିଗତ ଏକ ସପ୍ତାହ ମଧ୍ୟରେ ଦୁଇଟି ଦୁର୍ଘଟଣା ଘଟି ଚାରି ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଗତ ବୁଧବାର ବିଳମ୍ବିତ ରାତିରେ ସମ୍ବଲପୁରରୁ ନିଜ ଗାଁ ଅମ୍ବାଭୋନା ଥାନା ବୁଗବୁଗି ଫେରୁଥିବା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟିଥିଲା । ବରଗଡ଼ ଗୁରୁଦ୍ୱାରା ଛକରେ ଦୁଇ ଭାଇ ଡୋଲେଶ୍ୱର ଷଣ୍ଡ ଓ ଘନଶ୍ୟାମ ଷଣ୍ଡ ଏକ ମୋଟର ସାଇକେଲ ଆସୁଥିବା ବେଳେ ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁଇ ଭାଇ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲା । ସେହିପରି ରବିବାର ବଣଭୋଜି କରିବାକୁ ଯାଉଥିବା ବେଳେ ଦୁଇ ବାଇକ ଆରୋହୀ ବରଗଡ଼ ହାଟପଦା ଅଞ୍ଚଳର ବିଶ୍ୱନାଥ ସାହୁ ଏବଂ ଅର୍ଜୁନ ରାଉତଙ୍କୁ ବିପରୀତ ଦିଗରୁ ଆସୁଥିବା ଟ୍ରକ ଘୋଷାଡି ନେଇଥିଲା । ବରଗଡ଼ ସହରରେ ଅବ୍ୟବସ୍ଥିତ ଟ୍ରାଫିକ ବ୍ୟବସ୍ଥା ଏବଂ ବେଆଇନ ଗାଡି ପାର୍କିଂ ଯୋଗୁଁ ବହୁ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବା ବେଳେ ବୁଦ୍ଧିଜିବୀ ମହଲରେ ଏହାକୁ ନେଇ ଉଦବେଗ ପ୍ରକାଶ ପାଇଛି ।

# ଗଞ୍ଜେଇ ଚାଲାଣ, ଦୁଇ ଗିରଫ

**ଝାରବନ୍ଧ, ୩୧।୧୨(ସମିସ):** ପଦ୍ମପୁର ଜଗଦଲପୁର ରାସ୍ତାରେ ଛତିଶଗଡ଼ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଆରକ୍ଷୀ ଅଧିକ୍ଷକ ପିଏସ ମୀନା ସମ୍ପୃକ୍ତ ପୋଲିସ ଥାନାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ପୁଲିସ ସବୁ ବେଳେ ସଜାଗ ଥିଲେ । ବିଶ୍ୱସ୍ତସୁତ୍ରରୁ ଖବର ପାଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୁତି ଭୁଷଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗଦଲପୁର ଥାନା ଅଧିକାରୀ ବିପିନ ବାଗ ଓ ସହକର୍ମି ଲଖମରା କଲେଜ ନିକଟରେ ଗଞ୍ଜେଇ ଚୋରକୁ ଧରିବା ପାଇଁ ଜଗିଥିଲେ । ଦୁଇ ଜଣ ଯୁବକକୁ ସନ୍ଦେହରେ ଅଟକ ରଖି ତଦନ୍ତ କଲା ପରେ ତାଙ୍କ ଠାରୁ ୪.୮୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ସମ୍ପୃକ୍ତ ବ୍ୟକ୍ତି ଦୁଇ ଜଣ ପାଟଣାଗଡ଼ ଥାନା କେରବେଡା ଗ୍ରାମର ଶଙ୍କର ତାଣ୍ଡି ଓ ଦୟାମୟ ତାଣ୍ଡି ଥିଲେ । ଛତିଶଗଡ଼ ଅଞ୍ଚଳକୁ ଗଞ୍ଜେଇ ନେଉଥିଲେ । ପୁଲିସ ହାବୁଡରେ ପଡ଼ି ଜେଲ୍ ଯାଇଛନ୍ତି ।



# ପ୍ଲାଷ୍ଟିକମୁକ୍ତ ବଣଭୋଜି ଆହ୍ୱାନ

**ଥୁଆପାଲି, ୩୧।୧୨ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଐତିହାସିକ ପର୍ଯ୍ୟଟନସ୍ଥଳୀ ପପଙ୍ଗା ପାହାଡ଼ ଠାରେ ମାଉଣ୍ଟ ଏକ୍ସ ପ୍ଲୋର୍‌ର ଆଶିର୍ବାଦ ମହାପାତ୍ରଙ୍କ ସଭାପତିତ୍ୱରେ ପ୍ଲାଷ୍ଟିକମୁକ୍ତ ବଣଭୋଜି ଚାଲେଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସଫେଇ କାର୍ଯ୍ୟକ୍ରମ ତଥା ସଚେତନ କାର୍ଯ୍ୟକ୍ରମ ଓ ପ୍ଲାଷ୍ଟିକ ମୁକ୍ତ ରେ ଏକ ଭୋଜି ହୋଇଥିଲା । ଏଠାକୁ ଆସିଥିବା ପ୍ରାୟ ୨୦୦ ଟି ବଣଭୋଜି ଗୋଷ୍ଠୀଙ୍କୁ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ତଥା ପ୍ଲାଷ୍ଟିକକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାକୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ଼ ବନାଂଚଳ ଅଧିକାରୀ ଶ୍ରୀମତୀ ଆରତୀ ନେଗି, ମୁଖ୍ୟବକ୍ତା ପ୍ରକୃତି ବନ୍ଧୁ ମୀନକେତନ ସାହୁ ଏବଂ ସମ୍ମାନିତ ଅତିଥି ଭାବରେ ପରିବେଶବିତ୍ ସଞ୍ଜୀବ କୁମାର ପ୍ରଧାନ ଓ ପରିବେଶବିତ୍ ଧର୍ମରାଜ ପ୍ରଧାନ ଯୋଗ ଦେଇଥିଲେ । ମାଉଣ୍ଟ ଏକ୍ସ୍ ପ୍ଲୋରର କୋ-ଫାଉଣ୍ଡର ରମେଶ ମେହେର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବିନୋଜ କୁମାର କନ୍ଧେର, ତରଣୀସେନ ସେଠୀ, ମୁନା ନାଏକ ଭଳି ଅନେକ ଯୁବ ପିଢ଼ି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




## ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

# ବରଗଡ଼ ଜିଲ୍ଲା ଛାତ୍ରଙ୍କୁ ସ୍ୱର୍ଣ୍ଣପଦକ

**ଭଟଲି/ବରଗଡ଼, ୩୧।୧୨(ସମିସ):** ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ପଞ୍ଚମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପୁରୀ ଜିଲ୍ଲାରେ ଅବସ୍ଥିତ ହରିହରାନନ୍ଦ ଗୁରୁକୁଳମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତ ଜୁଲାଇରୁ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲାରୁ ମନୋନୀତ ୧୨ ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସାରା ଓଡ଼ିଶାରେ ୭୮୪୨ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ୨୪୫ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ବରଗଡ଼ ଜିଲ୍ଲାର ଆରାଧ୍ୟା ଅପୂର୍ବା ବଘାର 'କ' ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମୌସୁମୀ ଦାଶ 'ଘ' ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହା ସହ 'ଖ' ବିଭାଗରେ ପ୍ରଭୁଦତ୍ତ ସୁଆର ଷଷ୍ଠ ସ୍ଥାନ, 'ଗ' ବିଭାଗରେ ରିତା ରାଣୀ ପଣ୍ଡା ପଞ୍ଚମ ସ୍ଥାନ ଓ ପ୍ରଜ୍ଞାରାଣୀ ଭୋଇ ସପ୍ତମ ସ୍ଥାନ ଅଧିକାର କରି ସାନ୍ତ୍ୱନାମୂଳକ ପୁରସ୍କାର ପାଇବା ସହିତ ବାର୍ଷିକ ଗୀତା ବୃତ୍ତି ପାଇବାକୁ ମନୋନୀତ ହୋଇଛନ୍ତି । ବରଗଡ଼ ଜିଲ୍ଲାରୁ ନବପ୍ରଭାତ ଗୁରୁକୁଳର ସ୍ନାତକ ଶ୍ରେଣୀର ଛାତ୍ର ରାଜୁ କାଳସାଏ ଓ ଶିଶୁ ମନ୍ଦିର (ହିନ୍ଦୀ ବିଭାଗ) ର ଅଷ୍ଟମ ଶ୍ରେଣୀର ଛାତ୍ର ସ୍ୱରିତ ମିଶ୍ର ସମ୍ପୂର୍ଣ୍ଣ ଗୀତା ଆବୃତ୍ତି କରି ପୂଜ୍ୟ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି । ସୂଚନା ଯୋଗ୍ୟ ସ୍ୱରିତ ମିଶ୍ର ୨୦୧୭ ମସିହାରେ ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ପ୍ରଥମ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବାନ୍ୱିତ କରିଥିଲେ । ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏହି କୃତିତ୍ୱର ଶ୍ରେୟ ଜିଲ୍ଲା ସଂଯୋଜକ ରାଜବଲ୍ଲଭ ପଣ୍ଡାଙ୍କୁ ଦେଇଥିବା ବେଳେ ସଂଯୋଜକ ଏହାକୁ ପ୍ରତିଯୋଗିତାର ଉପଦେଷ୍ଟା ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ପ୍ରେରଣା ଓ ଗୀତା ମାତାଙ୍କ ଆଶୀର୍ବାଦ ତଥା ପିଲାମାନଙ୍କ ନିଜ ପରିଶ୍ରମ ଓ ଅଭ୍ୟାସର ଫଳ ବୋଲି କହିଛନ୍ତି । ବରଗଡ଼ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱ ଦେଖି ଆଗାମୀ ଦିନମାନଙ୍କରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଏହି ଗୀତା ମହୋତ୍ସବରେ ଭାଗ ନିଅନ୍ତୁ ବୋଲି ଗୀତାପ୍ରେମୀ ବୁଦ୍ଧିଜୀବିମାନେ ମତ ଦେଇଛନ୍ତି ।



# କୋଶଳ ସାର ଓ କୀଟନାଶକ ବିକ୍ରେତା ସଂଘର ବାର୍ଷିକ ସଭା

**ପଦ୍ମପୁର, ୩୧।୧୨ (ସମିସ):** ବରଗଡ଼ ଜିଲ୍ଲା କୋଶଳ ରାସାୟନିକ ସାର ଓ କୀଟନାଶକ ବିକ୍ରେତା ସଂଘର ବାର୍ଷିକ ସାଧାରଣ ସଭା ପଦ୍ମପୁର ସିଦ୍ଧବିନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ସଞ୍ଜିବ ପରିଜା ପୌରୋହିତ୍ୟ କରି ପ୍ରଦୀପ ଜାଳି ଉଦଘାଟନ କରିଥିଲେ । ରାଜବୋଡାସମ୍ବର ଇନପୁଟ ଡିଲର ସଂଘର ସଭାପତି ସପ୍ତସିନ୍ଧୁ ବଗର୍ତ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ସମସ୍ତେ ସଙ୍ଗଠିତ ଭାବରେ କାମ କରି ସରକାରଙ୍କ ନିୟମକାନୁନ ମାନି ଚଳିବାକୁ ଆଲୋଚନା ହୋଇଥିଲା । ସଂଯୋଜକ ସତ୍ୟନାରାୟଣ ମିଶ୍ର ଡିଲରମାନଙ୍କର ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ । ବାଲେଶ ସାହୁ ବିହନ ବିକ୍ରୟ ନୀତି ସମ୍ପର୍କରେ ଆଲୋଚନା କରିଥିବା ବେଳେ ରିତେଶ ଗୁଠିଆ ରାଷ୍ଟ୍ରୀୟ ସ୍ତରରେ ହୋଇଥିବା ଆଲୋଚନାକୁ ଉପସ୍ଥାପନ କରିଥିଲେ । ଅଶୋକ ଅଗ୍ରୱାଲ, ବିଜୟ ଅଗ୍ରୱାଲ ପରିଚାଳନାରେ ସହଯୋଗ କରିଥିଲେ ।ବିରଞ୍ଚି ନାରାୟଣ ହୋତା, ଶୁଶ୍ରୁତ ମିଶ୍ର, ରାଜକିଶୋର ବାଗ, ରାକେଶ ସାହୁ, ପ୍ରମୋଦ ପ୍ରଧାନ, ସୁଧାଂଶୁ ପଟେଲ, କୁମୁଦ ଦାଶ, ଜୟନାରାୟଣ ପ୍ରଧାନ, କମଳ ବିଶ୍ୱାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଦିନେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।






# ଯୁବ ଓକିଲ ତଥା ଯୋଗ ଶିକ୍ଷକଙ୍କ ଅକାଳ ବିୟୋଗ

**ବରଗଡ଼, ୩୧।୧୨(ସମିସ) :** ବରଗଡ଼ର ଯୁବ ଓକିଲ ଓ ତଥା ଯୋଗ ଶିକ୍ଷକ ଡ. ପ୍ରଦୀପ୍ତ କୁମାର ଦାଶଙ୍କ ବୁର୍ଲା ଠାରେ ଅକାଳ ବିୟୋଗ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୪୫ ବର୍ଷ ବୟସ ହେଉଥିଲା । ବରଗଡ଼ ବାର୍‌ର ଜଣେ ଓକିଲ ଥିଲେ ଏବଂ ବୁର୍ଲା ୟୁନିର୍ଭସିଟିରେ ଯୋଗ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ଗତ ଶନିବାର ଦିନ ସେ ବୁର୍ଲା ସ୍ଥିତ ଗାନ୍ଧି ମିନାର ଉପରେ ଚଢ଼ି ଧଇଁସଇଁ ହୋଇ ଚେତାଶୁନ୍ୟ ହୋଇପଡ଼ିଥିଲେ । ସଙ୍ଗେ ସଙ୍ଗେ ମିନାର କର୍ମଚାରୀ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଡ. ପ୍ରଦିପ୍ତ ଜଣେ ମିଷ୍ଟଭାଷୀ ତଥା ମେଳାପୀ ଯୁବକ ଥିଲେ । ସେ ଯୋଗରେ(ଡାଇବେଟିସରେ) ପି.ଏଚ୍.ଡି ଡିଗ୍ରୀ ଗତ ଶୁକ୍ରବାର ଦିନ ହାସଲ କରିଥିଲେ । ସେ ବରଗଡ଼ ତଳିପଡ଼ା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବିପିନ ବିହାରୀ ଦାଶଙ୍କ ୨ଝିଅ ଓ ୩ ପୁଅ ମଧ୍ୟରୁ କନିଷ୍ଠ ପୁତ୍ର ଅଟନ୍ତି । ଅବିବାହିତ ରହି ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ବିୟୋଗରେ ପରିବାର ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ୨୦୨୩କୁ ବିଦାୟ ଦେଲେ ନିଗମାନନ୍ଦ ବିହାରବାସୀ

**ବରଗଡ଼, ୩୧।୧୨(ସମିସ) :** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନ ୧ ନିଗମାନନ୍ଦ ବିହାରଠାରେ ବରିଷ୍ଠ ସଦସ୍ୟ ଅର୍ଜୁନ ସେଟ୍‌ଙ୍କ ଅଧ୍ୟକ୍ଷତାରେ ପୁରୁଣା ବର୍ଷ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଦୁର୍ଗା ପୂଜା କମିଟି ର ସମ୍ପାଦକ ନବୀନ ସାବତଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ୨୦୨୩ ମସିହାରେ ପଡ଼ା ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଉନ୍ନୟନ କାର୍ଯ୍ୟ ଗୁଡ଼ିକର ସମୀକ୍ଷା ଓ ବର୍ତ୍ତମାନର ସ୍ଥିତି ସମ୍ବନ୍ଧ ରେ ଆଲୋଚନା ହୋଇ ୨୦୨୪ ମସିହା କିପରି ସମସ୍ତ ଙ୍କ ପାଇ ସୁଖ ଶାନ୍ତି ଓ ପ୍ରଗତି ର ବର୍ଷ ହେବ ସେ ବିଷୟରେ ମା' ସମଲେଇଙ୍କ ଠାରେ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ପଡ଼ା ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ସହ ବନ୍ଧୁ ମିଳନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉନ୍ନୟନ କମିଟି ର ସମ୍ପାଦକ ଟିକେଲାଲ୍ ନାଏକ ସଭାପତି ସଦାଶିବ ସାହୁ ପ୍ରମୁଖ ପଡ଼ାବାସୀଙ୍କୁ ନୂତନ ବର୍ଷ ଉପଲକ୍ଷେ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।



# ଦୋକାନ ପୋଡ଼ି ପାଉଁଶ

**ଥୁଆପାଲି, ୩୧।୧୨ (ସମିସ):** ବରଗଡ଼ ଜିଲ୍ଲା ସଂକ୍ରିଡା ପଞ୍ଚାୟତ ର ସାରସପାଲି ଛକଠାରେ ଏକ ଦୋକାନରେ କେହି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା । ଉକ୍ତ ଦୋକାନରେ ପପୁନ ନାମକ ଜଣେ ଯୁବକ ଶୋଇଥିଲେ, ସେ ନିଆଁରେ ପୋଡି ଯାଇଥିଲେ, ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ଡାକ୍ତରଖାନାକୁ ନିଆଯାଇଛି । ଦୋକାନରେ ଥିବା ସମସ୍ତ ଦୋକାନୀ ଜିନିଷ ଓ ଆସବାବପତ୍ର ନିଆଁ ପୋଡିବା ପାଉଁଶ ହେବା ସହିତ ଏକ ହିରୋହୋଣ୍ଡା ବାଇକ ମଧ୍ୟ ପୋଡି ଯାଇଛି । ଭେଡେନ ଥାନା ପୁଲିସ ଆସି ଘଟଣା ତଦନ୍ତ କରୁଛନ୍ତି ।



# ବିଦାୟୀ ବର୍ଷରେ କବିତା ଆସର

**ପାଇକମାଳ, ୩୧।୧୨ (ସମିସ) :** ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟରେ ହୀରକ ଜୟନ୍ତୀ ସ୍ମାରକୀ ଅବସରରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ସଂଯୋଜନା କରିଥିବା ବେଳେ ରଞ୍ଜିତା ମହାନ୍ତି ସମୀକ୍ଷା କରିଥିଲେ । ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଡ. ରଶ୍ମିରଞ୍ଜନ ମହାନ୍ତି, ଭୋଜରାଜ ବୁଡେକ, ବିଶ୍ୱନାଥ ସେଠ, ବିଜୟ କୁମାର ପ୍ରଧାନ, ରଞ୍ଜିତା ମହାନ୍ତି, ମନୀଷା ତ୍ରିପାଠୀ, ରଜତ କୁମାର ସାହୁ, ଡୋଲାମଣୀ ତ୍ରିପାଠୀ ପ୍ରମୁଖ କବି କବୟିତ୍ରୀ ଯୋଗ ଦେଇ କବିତା ଆବୃତ୍ତି କରିଥିଲେ ।




## ଘେଁସ ଜମିଦାର ମାଧୋ ସିଂଙ୍କ ବଳିଦାନ ଦିବସ ପାଳିତ

# ମାଧୋ ସିଂଙ୍କର ବୀରତ୍ୱର ଗାଥା ପାଠ୍ୟପୁସ୍ତକରେ ସ୍ଥାନ ପାଉ

ବରଗଡ଼, ୩୧।୧୨(ସମିସ)

ବରଗଡ଼ ବୀର ଛକ ଠାରେ ଜିଲ୍ଲା ପ୍ରଶାସନ ଓ ଶହୀଦ ସ୍ମୃତି କମିଟି ଦ୍ୱାରା ବୀର ମାଟି ଘେଁସର ବୀରପୁତ୍ର ଶହୀଦ ମାଧୋ ସିଂ ଙ୍କର ବଳିଦାନ ଦିବସ ତଥା ବୀରତା ଦିବସ ୨୦୨୩ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ଗଣଦୌଡ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ବାହାରି ଲେଙ୍ଗୁ ମିଶ୍ର ଛକ ଓ ଗାନ୍ଧୀ ଛକ ଦେଇ ହଳଦୀପାଲି ସ୍ଥିତ ବୀରଛକ ପର୍ଯ୍ୟନ୍ତ ଯାଇଥିଲା । ପାଣ୍ଡବ କର୍ଣ୍ଣ ଶହୀଦ ମାଧୋ ସିଂ ଙ୍କ ବେଶ ରେ ସଜିତ ହୋଇ ଗଣଦୌଡରେ ସାମିଲ ହୋଇଥିଲେ । ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, , ଜିଲ୍ଲାପାଳ ମୋନିଷା ବାନାର୍ଜୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପି. ଏସ. ମିନା, ଶହୀଦ ସ୍ମୃତି କମିଟିର ସଭାପତି ପ୍ରମୋଦ ଝାଙ୍କର, ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫ, ଶହୀଦ ସ୍ମୃତି କମିଟିର ଉପସଭାପତି ରବିନାରାୟଣ ପଣ୍ଡା ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ । ସମସ୍ତ ଅତିଥି ବୃନ୍ଦ ପ୍ରଥମେ ଶହୀଦ ସ୍ମୃତିସ୍ତମ୍ଭ ଏବଂ ସଂଗ୍ରାମୀ ମାଧୋ ସିଂ ଙ୍କ ଫଟୋରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।




ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବରଗଡ଼ ଜିଲ୍ଲା ଘେଁସ ଜମିଦାର ମାଧୋ ସିଂ ଓ ତାଙ୍କର ଚାରି ପୁତ୍ର ହଟେ ସିଂ, ଐରି, ସିଂ, ବୈରୀ ସିଂ, କୁଞ୍ଜଲ ସିଂଙ୍କ ସ୍ମୃତି ଚାରଣ କରି ମୁଖ୍ୟବକ୍ତା ଡ଼. ଜଗଦୀଶ ମିଶ୍ର ମାତୃଭୂମି ପାଇଁ ସଦା ସମର୍ପିତ ରହି ଦେଶର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମରେ ବୀର ମାଟି ଘେଁସ ତଥା ସମଗ୍ର ବରଗଡ଼ ଜିଲ୍ଲାର ଅବଦାନ ଓ ଗୋଟିଏ ପରିବାରର ସମସ୍ତେ ଶହୀଦ ହୋଇ ଥିବା ଏକ ବିରଳ ଦୃଷ୍ଟାନ୍ତ, ଏହା କେବଳ ବରଗଡ଼ ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗୌରବର ବିଷୟ । ବୀର ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନରେ ଏକ ଭଲ ମଣିଷ ହେବା ପାଇଁ ଜିଲ୍ଲାପାଳ ବାନାର୍ଜୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଆଚାର୍ଯ୍ୟ ମାଧୋ ସିଂ ଙ୍କର ଏହି ବୀରତ୍ୱର ଗାଥା କିପରି ପାଠ୍ୟ ପୁସ୍ତକରେ ସ୍ଥାନ ପାଇବ ସେ ପାଇଁ ଚେଷ୍ଟା କରିବା ପାଇଁ ସମସ୍ତ ସଂଗଠନର ସହଯୋଗ କାମନା କରିଥିଲେ । ଏ ଉପଲକ୍ଷେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶହୀଦ ସ୍ମୃତି କମିଟିର ଉପସଭାପତି ରବିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା, କର୍ମଚାରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶହୀଦ ସ୍ମୃତି କମିଟି ପକ୍ଷରୁ ଏ ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ଥିଲା ।

## ଜିଲ୍ଲା ପ୍ରତିଷ୍ଠା ଦିବସ ଆଜି

# ସମ୍ଭାବନାର ଜିଲ୍ଲା ଝାରସୁଗୁଡ଼ା

**ଝାରସୁଗୁଡ଼ା, ୩୧।୧୨(ସମିସ)**

ଓଡ଼ିଶାର ଅନ୍ୟତମ ଶିଳ୍ପ ସମୃଦ୍ଧ ତଥା ରାଜ୍ୟକୁ ଅଧିକ ରାଜସ୍ୱ ଯୋଗାଉଥିବା ଝାରସୁଗୁଡ଼ା ଜିଲ୍ଲା ନବବର୍ଷ ଅବସରରେ ଆଜି ତା'ର ୩୧ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଅଛି। ୧୯୯୪ ମସିହାରେ ସମ୍ବଲପୁର ଜିଲ୍ଲାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବରେ ଝାରସୁଗୁଡ଼ା ଆତ୍ମପ୍ରକାଶ ପାଇଥିଲା। ଓଡ଼ିଶାର ମାନଚିତ୍ରରେ ଥିବା ଏହି ଛୋଟ ଜିଲ୍ଲାକୁ ପଶ୍ଚିମ ଓଡ଼ିଶା ଛଡ଼ା ଅନେକାଂଶ ଜିଲ୍ଲାରେ ଝାରସୁଗୁଡ଼ା ଏକ ଜିଲ୍ଲା ଅଛି ବୋଲି ଜାଣୁ ନ ଥିଲେ। ଅଥଚ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ସହିତ ରାଜ୍ୟର ପାୱାର ହାଉସ ବୋଲାଉଥିବା ଝାରସୁଗୁଡ଼ା ଜିଲ୍ଲାର ଭାଗିଦାରୀ ସର୍ବାଧିକ। ବିଗତ ୩୦ ବର୍ଷ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ନିଜକୁ ପ୍ରତିଷ୍ଠିତ କରିବାରେ ସକ୍ଷମ ହୋଇଛି। ରାଜ୍ୟର ଦ୍ୱିତୀୟ ବିମାନ ବନ୍ଦର ଇତିମଧ୍ୟରେ ଗଢ଼ି ଉଠିଛି। ଜିଲ୍ଲାର କୋଇଲା କେବଳ ଦେଶ ନୁହେଁ ବିଦେଶରେ ମଧ୍ୟ ଚାହିଦା ବଢ଼ିଛି। ଅନେକ କଳକାରଖାନା ଏଠି ଗଢ଼ି ଉଠିଛି। ଦୀର୍ଘ ୬୫ବର୍ଷରୁ ନିଜ ହକ୍ ଅଧିକାରରୁ ବଞ୍ଚିତ ହୋଇଥିବା ହୀରାକୁଦ ବିସ୍ଥାପିତମାନଙ୍କୁ ରାଜ୍ୟ ସରକାର ଜମି ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାର ବିକାଶ ପାଇଁ ଅନେକ ବାଟ ଖୋଲିଛି। ଝାରସୁଗୁଡ଼ାରେ ହୋଇଛି ଲଜେଷ୍ଟିକ ପାର୍କ, ସ୍ୱାସ୍ଥ୍ୟ ସେବାରେ ହୋଇଛି ଅନେକ ବିକାଶ, ରୂପାନ୍ତରିତ ହୋଇଛି ଅନେକ ସ୍କୁଲ ଓ କଲେଜ। ବ୍ରଜରାଜନଗର ଚଣ୍ଡୀ ମନ୍ଦିର ରୂପାନ୍ତରିତ ହୋଇ ଭକ୍ତମାନଙ୍କୁ ଆକୃଷ୍ଟ କରିଛି। କିନ୍ତୁ ଜିଲ୍ଲାର ଅନେକ କିଛି ଦୁଃଖ ରହିଯାଇଛି। ଏବେ ମଧ୍ୟ ବନ୍ଦ ହୋଇ ପଡ଼ି ରହିଛି ଭାସ୍କର ସୂତାକଳ, ବ୍ରଜରାଜନଗର ଓରିଏଣ୍ଟ କାଗଜ କଳ। ଜିଲ୍ଲାରେ ପ୍ରଦୂଷଣର ମାତ୍ରା ଅଧିକ। ପ୍ରଦୂଷଣ ପାଇଁ ଲୋକେ ଅତିଷ୍ଠ ହୋଇ ଜୀବନଯାପନ କରୁଛନ୍ତି। ଏମସିଏଲ ବିସ୍ଥାପିତମାନେ ତାଙ୍କର ନାର୍ଯ୍ୟଦାବିରୁ ବଞ୍ଚିତ ରହିଛନ୍ତି। ସ୍ଥାନୀୟ ନିଯୁକ୍ତି ଏବେ ମଧ୍ୟ ଜିଲ୍ଲାର ଏକ ବଡ଼ ସମସ୍ୟା ହୋଇ ରହିଛି। ଦୀର୍ଘ ଦିନରୁ ଦାବିଥିବା ଜିଲ୍ଲାର ସେଣ୍ଟ୍ରାଲ ସ୍କୁଲ ଦାବିକୁ ଏଯାଏ କେନ୍ଦ୍ର ସରକାର ଅନୁମୋଦନ ଦେଇନାହାନ୍ତି। ସେହିପରି ଲଖନପୁର ବ୍ଲକ ବିଭାଜନ ନେଇ ଲୋକଙ୍କର ବଡ଼ ଦାବି ରହି ଆସିଛି। ସ୍ୱାଧୀନ ଭାରତରେ ଚିରଦିନ ପାଇଁ ଜଳ ସମାଧି ନେଲେ। ଆଜି ମଧ୍ୟ ଝାରସୁଗୁଡ଼ାବାସୀ ହୀରାକୁଦ ନଦୀବନ୍ଧ ପରେ ଖଣି ପାଇଁ ତ କେତେବେଳେ ବିଭିନ୍ନ ଶିଳ୍ପ ସଂସ୍ଥା ପାଇଁ ବିସ୍ଥାପିତ ହେଇ ଆସୁଛନ୍ତି। ଜିଲ୍ଲାର ଯେଉଁଭଳି ଭାବରେ ବିକାଶ ହେବାକଥା ସେହିଭଳି ବିକାଶ ହୋଇପାରୁନାହିଁ। ଜିଲ୍ଲାରେ ଗୋଟିଏ ମଧ୍ୟ ସରକାରୀ କଲେଜ ପ୍ରତିଷ୍ଠା ହୋଇପାରୁନାହିଁ। ଲଖନପୁର ବ୍ଲକ ବିଭାଜନ, ବ୍ରଜରାଜନଗର ଓ ବେଲପାହାଡ଼ର ରେଳ ଷ୍ଟେସନର ବିକାଶ, ଝାରସୁଗୁଡ଼ା ବସଷ୍ଟାଣ୍ଡ, ଗ୍ରାମାଞ୍ଚଳରେ ଜଳସେଚନ ଆଦି ଅନେକ ସମସ୍ୟା ରହିଛି। ଜିଲ୍ଲାରେ ଗଢ଼ି ଉଠିଥିବା ଅନେକ ଶିଳ୍ପ ସଂସ୍ଥା ବନ୍ଦ ହୋଇ ବେକାରୀ ସଂଖ୍ୟା ବଢ଼ିବାରେ ଲାଗିଛି। ଦେଶରେ ଝାରସୁଗୁଡ଼ା ପ୍ରଦୂଷଣରେ ଏକ ନମ୍ବର ରହିଆସୁଛି। ଝାରସୁଗୁଡ଼ା ଜିଲ୍ଲା ଗଠନର ଇତି ମଧ୍ୟରେ ୩୧ ବର୍ଷ ହୋଇଥିଲେ ମଧ୍ୟ ଝାରସୁଗୁଡ଼ାବାସୀ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ରହିବାକୁ ବାଧ୍ୟ ହେଉଛନ୍ତି।




## ଟିପର ଉପରେ ଖସିଲା ଡାଳ

# ଦୁଇ ଘଣ୍ଟା ଗାଡ଼ି ଚଳାଚଳ ବ୍ୟାହତ




**କିର୍ମିରା, ୩୧।୧୨(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ସାରସମାଳ ରାସ୍ତାରେ ଏକ ଟିପର ଯାଉଥିବା ବେଳେ ହଠାତ ତା' ଉପରେ ଏକ ଗଛ ଡ଼ାଳ ଭାଙ୍ଗି ପଡ଼ିଥିଲା। ତେବେ ଗାଡ଼ି ଚାଳକ ହଠାତ ଗାଡ଼ି ରୋକି ଦେବାରୁ କୌଣସି ଅଘଟଣ ଘଟିନାହିଁ। ସକାଳ ୧୦ଟାରେ ଉକ୍ତ ଟିପର ଅଲଟ୍ରାଟେକ୍ ସିମେଣ୍ଟ କାରଖାନାରେ ପାଉଁଶ ଅନଲୋଡ କରି ଫେରୁଥିବା ବେଳେ ଗାଡିର ଡାଲା ଓ ଇଞ୍ଜିନ ମଧ୍ୟ ଭାଗରେ ଉକ୍ତ ଗଛ ଡାଳ ଭାଙ୍ଗି ପଡ଼ି ଯାଇଥିଲା। ଡ଼ାଳ ପଡ଼ିବାରୁ ଉକ୍ତ ଟିପରଟି ରାସ୍ତାରେ ଅଟକି ରହିବାରୁ ସେହି ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଯାନବାହନ ସମେତ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ଉକ୍ତ ଡ଼ାଳକୁ ଗାଡ଼ିରୁ ହଟାଇବା ପରେ ଦିନ ୧୨ଟାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



**ଦେବଗଡ଼, ୩୧।୧୨(ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ବାବରାକୋଟ ଗ୍ରାମରେ ବଜରଙ୍ଗୀ କବାଡି ଆସୋସିଏସନ ଆନୁକୂଲ୍ୟରେ ରବିବାର ଏକ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବଜରଙ୍ଗୀ କବାଡି ଆସୋସିଏସନର ସଭାପତି ଝସକେତନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ବେଲାଳସେନ ସ୍ୱାଇଁ ଓ ତୀର୍ଥବାସୀ ସ୍ୱାଇଁ ଯୋଗ ଦେଇଥିଲେ। ବାବରାକୋଟ କବାଡି ଦଳ ଓ ବିଲେଇଘଟି କବାଡି ଦଳ ମଧ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ବାବରାକୋଟ କବାଡି ଦଳ ୩୪-୩୧ ପଏଣ୍ଟରେ ବିଲେଇଘଟି କବାଡି ଦଳକୁ ପରାସ୍ତ କରିଛି। ଉଦଘାଟନୀ ମ୍ୟାଚକୁ ରେଫରୀ ବନ୍ଧୁରାମ ସାହୁ ଓ ଦିନେଶ ସାହୁ ପରିଚାଳନା କରିଥିଲେ।

# ମାନସିକ ରୋଗୀ ଉଦ୍ଧାର

**ଝାରସୁଗୁଡ଼ା, ୩୧।୧୨(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପସ୍ୱରୂପ ରବିବାର ଜଣେ ମାନସିକ ରୋଗୀଙ୍କୁ ସ୍ଥାନୀୟ ବଡ଼ମାଲସ୍ଥିତ ମିଶନ ଆଶାଲୋକଠାରେ ଚିକିତ୍ସା ପାଇଁ ଭର୍ତ୍ତିର୍ କରାଯାଇଛି। ପ୍ରକାଶଥାଉକି ଲଖନପୁର ହରିଜନପଡ଼ାର ଅଜ୍ଞନା ବୁଡାଙ୍କ ପୁଅ ଗୁଲେଶ୍ୱର ବୁଡା ମାନସିକ ରୋଗାକ୍ରାନ୍ତ ହୋଇଥିବା ବେଳେ ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଅଟନ୍ତି। ସେମାନଙ୍କର ଉପଯୁକ୍ତ ଚିକିତ୍ସା ଓ ଥଇଥାନ ପାଇଁ ନିବେଦନ କରି ଏକ ଆବେଦନପତ୍ର ଜିଲ୍ଲା ଆଇନସେବା ପ୍ରାଧିକରଣକୁ ପାରା ଲିଗାଲ ସ୍ୱେଚ୍ଛାସେବୀ ରୁବି ସିଂଙ୍କ ଜରିଆରେ ପଠାଇଥିଲେ। ଏହି ଆବେଦନପତ୍ରକୁ ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଠାଇ ଉକ୍ତ ମାନସିକ ରୋଗୀଙ୍କ ଥଇଥାନ ଓ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପଠାଇଥିଲେ। ଏହି କ୍ରମରେ ଆଜି ତାଙ୍କୁ ସ୍ଥାନୀୟ ବଡ଼ମାଲସ୍ଥିତ ମିଶନ ଆଶାଲୋକଠାରେ ମାନସିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।




# କିଶୋର ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

**କୋଲାବିରା, ୩୧।୧୨(ସମିସ):** କୋଲାବିରା ବ୍ଲକ ସମାସିଂହା ପ୍ରଗତି ସଂଘ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ସମସିଂହାସ୍ଥିତ ଦୁର୍ଗାମଣ୍ଡପ ଠାରେ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କିଶୋରଙ୍କ ଜୀବନର ବିଭିନ୍ନ ଘଟଣାର ସ୍ମୃତିଚାରଣ କରିଥିଲେ। ପଶ୍ଚିମ ଓଡ଼ିଶାର ବିଜେଡିର ଜଣେ ଆଗ ଧାଡିର ନେତା ଭାବେ ସେ ଜଣାଶୁଣା ଥିଲେ। ଝାରସୁଗୁଡା ମାଟିର ସୁଯୋଗ୍ୟ ସନ୍ତାନ ଭାବେ ସେ ରାଜ୍ୟସଭା ସାଂସଦ, ଝାରସୁଗୁଡା ଓ ବ୍ରଜରାଜନଗରର ବିଧାୟକ ଭାବେ ପ୍ରତିନିଧିତ୍ୱ କରିଛନ୍ତି। ଜଣେ ରାଜନେତା ଭାବେ ସ୍ୱର୍ଗତ କିଶୋରଙ୍କ ଅବଦାନ ସବୁଦିନ ଚିରସ୍ମରଣୀୟ ହୋଇ ରହିବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଭାବରେ ସେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସରପଞ୍ଚ ତଥା ବିଜେଡି କର୍ମୀ ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଶିକ୍ଷକ ସଚୀନ୍ଦ୍ର କୁମାର ପଟେଲ, ବରିଷ୍ଠ ନାଗରିକ ଗୌରୀଶଙ୍କର ନାଏକ, କୁଲଦୀପ ନେଟୀ, ମଦନ ମୋହନ ପଟେଲ, ଗୁରୁଚରଣ ସାହୁ, ବେଦବ୍ୟାସ ସାହୁ, ଶିକ୍ଷାବିତ୍ ସରୋଜ କୁମାର ପଟେଲ, ଯୋଗେଶ୍ୱର ସେନାପତି, ଟଙ୍କଧର କୁଆ, କୌଶଲ ଜୟପୁରିଆ, ସଂଘର ସଭାପତି ମନୋଜ କାଲୋ, ସଦସ୍ୟ ରୀତୁ ସାହୁ, ଭୀଷ୍ମଦେବ ପଟେଲ, ଓଁକାରମଲ ସାହୁ, ପ୍ରକାଶ ସାହୁ, ଗୌର ପଣ୍ଡା ପ୍ରମୁଖ ଉଦବୋଧନ ଦେଇ କିଶୋର ଦା'ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶେଷ ଭାବରେ ଜିଲ୍ଲାରେ ସମାସିଂହା ଗ୍ରାମକୁ ପରିଚିତ କରେଇବା, ଅଞ୍ଚଳର ସହିଦ ବୀର କରୁଣାକର ସିଂହ ନାଏକଙ୍କ ସ୍ମୃତିକୁ ଉଦ୍‌ଜୀବିତ କରିବାକୁ ଯାଇ କୋଲାବିରା ଛକଠାରେ କରୁଣାକରଙ୍କ ଏକ ପୂର୍ଣ୍ଣାବୟବ ପ୍ରତମୂର୍ତ୍ତିର୍ ସ୍ଥାପନ କରି ଉକ୍ତ ଛକକୁ କରୁଣାକର ଛକ ନାମରେ ନାମିତ କରିବାରେ କିଶୋର ମହାନ୍ତିଙ୍କ ଉଦ୍ୟମକୁ ଅଞ୍ଚଳବାସୀ କେବେ ଭୁଲି ପାରିବେ ନାହିଁ ବୋଲି ଅତିଥିଗଣ ସ୍ମୃତିଚାରଣ କରିଥିଲେ।



# କିଶୋର ମହାନ୍ତି ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଲଖନପୁର/ଝାରସୁଗୁଡ଼ା,** ୩୧।୧୨(ସମିସ): ଲଖନପୁର ବ୍ଲକ ଅନ୍ତର୍ଗତ ବାଘମୁଣ୍ଡା ପଞ୍ଚାୟତର ସିଂହାରପୁରଠାରେ ଝାଡ଼େଶ୍ୱର ବାବା କ୍ଲବ ପକ୍ଷରୁ ଆୟୋଜିତ କିଶୋର ମହାନ୍ତି ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲା ବିଜେଡି ଉପ ସଭାପତି ଶମ୍ଭୁ ମହାନ୍ତି, ଜିଲ୍ଲା ବିଜେଡି ସମ୍ପାଦକ ପ୍ରମୋଦ ଗଡ଼ତିଆ, ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂହ, ବାଘମୁଣ୍ଡା ପୂର୍ବତନ ସମ୍ପାଦକ କମଳ ପ୍ରଧାନ, କ୍ଷୀରୋଦ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ଶଙ୍କର ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣର୍ାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଝାରସୁଗୁଡା ଏବଂ କୁଡାଲୋଇ ଦଳ ଭିତରେ ସଂଘର୍ଷପୂର୍ଣ୍ଣ ଖେଳରେ ଝାରସୁଗୁଡା ବିଜୟୀ ହୋଇଥିଲା। ବିଜୟୀ ଦଳ ଝାରସୁଗୁଡାକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ଏବଂ ଉପ ବିଜେତା ଦଳ କୁଡାଲୋଇକୁ ଟ୍ରଫି ସହିତ ନଗଦ ୨୦ ହଜାର ଟଙ୍କା ପୁରସ୍କୃତ କରାଯାଇଛି। ଝାଡ଼େଶ୍ୱର ବାବା କ୍ଲବର ସଭାପତି ପଙ୍କଜ ଦାସ, ସମ୍ପାଦକ ବିଟୁ ବାରିକ, ମନୋଜ ରହଡ଼ିଆ, ସୁଜିତ ସା, ଜିତେନ ମତିଆରି, କ୍ଷୀରୋଦ ସା, ପାଣ୍ଡବ ସାହୁ, ଭିକାରୀ ଭୋଇ, ରାଜୁ ବିଶ୍ୱାଳ, ଚନ୍ଦନ ସାହୁ ଓ ଅଭିଷେକ ପଣ୍ଡା ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।



## ହକି ପ୍ରତିଯୋଗିତା ଉଦ୍‌ଯାପିତ

# ଜିଏମ୍ କ୍ଲବ ଚାମ୍ପିଅନ୍; ପୁରସ୍କାରରେ ମିଳିଲା ଖାସି



**ଦେବଗଡ଼, ୩୧।୧୨(ସମିସ)**

ତିଲେଇବଣି ବ୍ଲକ ଅନ୍ତର୍ଗତ କରଡାପାଳ ଗ୍ରାମର ହକି ପଡ଼ିଆଠାରେ ନେହେରୁ କ୍ଲବ ଆନୁକୂଲ୍ୟରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଚାରିଦିନିଆ ହକି ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିଜାକୁଦର (ବି) ହକି ଦଳକୁ ୧-୦ ଗୋଲରେ ପରାସ୍ତ କରି ପ୍ରଭାଶୁଣିର ଜିଏମ୍ କ୍ଲବ ଚାମ୍ପିଅନ ହୋଇଛି। ଆୟୋଜକ ନେହେରୁ କ୍ଲବର ସଭାପତି ବେଲାସ ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ 'ହାପ୍ପି ଟୁ ହେଲ୍ପ' ଫାଉଣ୍ଡେସନର ପ୍ରତିଷ୍ଠାତା ସଦସ୍ୟ ରାଜକିଶୋର ଦାଶ ଓ ସମ୍ମାନିତ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ୫ ନମ୍ବର ୱାର୍ଡର କାଉନସିଲର ଯତୀନ କୁମାର ନାୟକ ଯୋଗଦେଇ ଚାମ୍ପିଅନ ପ୍ରଭାଶୁଣିର ଜିଏମ୍ କ୍ଲବ ହକି ଦଳକୁ ଖାସି ଓ ରନର୍ସ ଅପ୍ ବିଜାକୁଦର (ବି) ହକି ଦଳକୁ ବୋଦା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ନେହେରୁ କ୍ଲବର ସମ୍ପାଦକ ପ୍ରେମଦୀପ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ନେହେରୁ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

# ଏନ୍‌ଏସ୍‌ଏସ୍ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର

**ଦେବଗଡ଼, ୩୧।୧୨(ସମିସ)**

ରିଆମାଳ ବ୍ଲକ ଅନ୍ତର୍ଗତ ନୂଆପଡ଼ାସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ପୋଷ୍ୟ ଗ୍ରାମ ଚଢେଇମରାଠାରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ବେଦ ଅଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ତନୋଜ କୁମାର ମହାପାତ୍ରଙ୍କ ସଂଯୋଜନାରେ ଶିବିର ପରିଚାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ସୈନିକ ବାଳାମଣୀ ପ୍ରଧାନ ଉପସ୍ଥିତ ହୋଇ ସ୍ୱେଚ୍ଛାସେବୀମାନଙ୍କୁ ସେବା ଉପରେ ନାନାଦି ଉପଦେଶ ଦେଇଥିଲେ। ମୁଖ୍ୟଅତିଥି ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ଓ ପୁସ୍ତକ ବିତରଣ କରିଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବାଳକ ବିଭାଗରେ ଜିତେନ୍ଦ୍ର ବାରିକ, ମିଥୁନ ମାଝୀ ଓ ବାଳିକା ବିଭାଗରେ ବିପସ୍ୱିନୀ ଘଡୁଇ, ପିଙ୍କି ସ୍ୱାଇଁ, ସ୍ୱପ୍ନପ୍ରିୟା ମାଝୀଙ୍କୁ ସମ୍ମାନିତ କରାଯାଇଅଛି। ଶ୍ରେଷ୍ଠ ସମାଜସେବୀ ଭାବେ ସଙ୍ଗାପଶୀର ଉପେନ୍ଦ୍ର ସାହୁ ଓ ଚଢେଇମରାର ବାଳାମଣୀ ପ୍ରଧାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଥମ ଭାଗରେ ସଂସ୍କୃତ ଭାରତୀର କାହ୍ନା ବାରିକଙ୍କ ଦ୍ୱାରା ସକାଳେ ପ୍ରାତଃ ସ୍ମରଣ, ଯୋଗାସନ ଓ ପ୍ରାଣାୟାମ କରାଯାଇଥିଲା। ଦ୍ୱିତୀୟ ଭାଗରେ ଶିବିର ସ୍ଥାନରେ ପ୍ରାର୍ଥନା ଓ ଚଢେଇମରା ଗ୍ରାମବାସୀଙ୍କ ସହାୟତାରେ ସ୍ୱଚ୍ଛତା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବୁଦ୍ଧଦେବ ପ୍ରଧାନଙ୍କ ଉପସ୍ଥିତିରେ ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ମଞ୍ଚାସୀନ ରହି ସ୍ୱେଚ୍ଛାସେବୀମାନଙ୍କୁ ଉଦବୋଧନ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଦେବଗଡ଼ ନେହେରୁ ଯୁବକେନ୍ଦ୍ରର ଶ୍ରୀ ବିଶ୍ୱାଳ ଓ ସଂସ୍କୃତ ଭାରତୀ କାର୍ଯ୍ୟକର୍ତ୍ତା ଶ୍ରୀ ବାରିକଙ୍କ ନେତୃତ୍ୱରେ ବାଲ୍ୟ ବିବାହ, ଯୌତୁକ ପ୍ରଥା, କନ୍ୟା ଭ୍ରୁଣହତ୍ୟା ଉଚ୍ଛେଦ, ସଂସ୍କୃତ ଶିକ୍ଷା, ବୃକ୍ଷରୋପଣ, ଏଡ୍ସ ସଚେତନତା, ସରଳ ସଂସ୍କୃତ ଦ୍ୱାରା କଥୋପକଥନ ଇତ୍ୟାଦି ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ ଦେଇ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ସଞ୍ଜିତ ଶତପଥୀ ବେଦପାଠ କରିଥିବାବେଳେ ସୁଶ୍ରୀ ବିପସ୍ୱିନୀ ଘଡୁଇ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଅଭୟ ସାହୁ, ସତୀଶ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ମୁକ୍ତାଞ୍ଜଳି ନନ୍ଦ, ମନୋଜ ସାହୁ, ଇନ୍ଦ୍ରମଣୀ ମାଝୀ, ଶରତ ବେହେରା, ଅର୍ଜୁନ ସାହୁ, ଗ୍ରାମବାସୀ ଜଗବନ୍ଧୁ ପ୍ରଧାନ, ମଙ୍ଗୁଲୁ ପ୍ରଧାନ, ସୁଶୀଲ ବେହେରା, ଝାଡେଶ୍ୱର ପ୍ରଧାନ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।



# ରୋଟାରୀ କ୍ଲବ ପକ୍ଷରୁ ଜିରୋ ନାଇଟ୍ ସେଲିବ୍ରେସନ

**ସମ୍ବଲପୁର ୩୧।୧୨(ସମିସ):** ଆଜି ବର୍ଷ ର ଶେଷଦିନ ରୋଟାରୀ କ୍ଲବ ସମ୍ବଲପୁର ଠାରେ ଜିରୋ ନାଇଟ ସେଲିବ୍ରେସନ ଅତି ଧୁମଧାମରେ ପାଳନ କରାଯାଇଥିଲା। ସୁର ସଙ୍ଗୀତ ମେଲୋଡି ଗୃପ ପକ୍ଷରୁ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ର ସବୁ ସଭ୍ୟ ମାନେ ସପରିବାର ଉପସ୍ଥିତ ରହି ଜିରୋ ନାଇଟ ସେଲିବ୍ରେସନ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ। ଏହି ସେଲିବ୍ରେସନ ରେ ବିଭିନ୍ନ ନୃତ୍ୟ ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ରୋଟାରୀ କ୍ଲବ ର ସଭାପତି ସୁଜିତ ପାଣିଗ୍ରାହୀ, ସମ୍ପାଦକ ଯ୍ୟାସେ ମଲ୍ଲିକ, ପ୍ରେସିଡେଣ୍ଟ ନୋମିନେଟ ରସ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ରହି ଏହାକୁ ସହଯୋଗ କରିଥିବା ବେଳେ କ୍ଲବର ସବୁ ସଭ୍ୟ ସଭ୍ୟା ଏଥିରେ ଉପସ୍ଥିତ ଥିଲେ




## ପୁରୁଣା ବର୍ଷକୁ ବିଦାୟ ନୂଆଁକୁ ସ୍ୱାଗତ

# ଶେଷ ସକାଳରେ ପର୍ଯ୍ୟଟନସ୍ଥଳରେ ଭିଡ଼

**ସମ୍ବଲପୁର, ୩୧।୧୨(ସମିସ)**

ରାତି ପାହିଲେ ବଦଳିଯିବ କ୍ୟାଲେଣ୍ଡରର ପୃଷ୍ଠା। ନୂଆ ବର୍ଷକୁ ସ୍ୱାଗତ ଓ ପୁରୁଣା ବର୍ଷକୁ ବିଦାୟ ପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ସହିତ ଧୁମ ଧାମରେ କାର୍ଯ୍ୟକ୍ରମ ଗୁଡିକ ଶେଷ ପର୍ଯ୍ୟାୟରେ। ପର୍ଯ୍ୟଟନସ୍ଥଳୀରେ ଭୋଜି ପାଇଁ ପର୍ଯ୍ୟଟକଙ୍କ ଭିଡ ରହିଥିଲା। ସମ୍ବଲପୁର ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଗୁଡିକରେ ଭିଡ ଦେଖିବାକୁ ମିଳିଥିବା ବେଳେ ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱତଟରେ ବହୁ ସଂଖ୍ୟାରେ ଭିଡ ଲାଗି ରହିଥିଲା। ପୁରୁଣା ବର୍ଷକୁ ବିଦାୟ ପାଇଁ ଯେତିକ ମସଗୁଲ ଥିଲେ ନୁତନ ବର୍ଷର ଆଗମନକୁ ନେଇ ଖୁସୀ ମନାଇଥିଲେ। ଡାଇକ ଜଳାଶୟ ଦେଖିବାକୁ କାହିଁ କେତେ ଦୂରୁ ଲୋକ ଧାଇଁ ଆସିଥିଲେ। ସକାଳର ଶୀତର କଅଁଳ ସ୍ୱର୍ଶ ସାଙ୍ଗକୁ ପ୍ରାକୃତିକ ପରିବେଶର ମନୋରମ ଦୃଶ୍ୟ ଏଠାରେ ପର୍ଯ୍ୟଟକଙ୍କୁ ଟାଣି ଆଣିଥିଲା। କିଏ ପରିବାର ସହ ଅନ୍ୟ କିଏ ବନ୍ଧୁ ସହ ଆସିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳ ସହିତ ବାହାର ଜିଲ୍ଲାର ଅଧୀକ ପର୍ଯ୍ୟଟକଙ୍କ ଏଠାରେ ଗହଳି ଲାଗିଛି। ନୂଆବର୍ଷ ପାଇଁ ଖାସ କରି ଚଳିତ ସପ୍ତାହରେ ପର୍ଯ୍ୟଟକଙ୍କ ଭିଡ ଲାଗି ରହୁଛି। ବାହାରୁ ବୁଲି ଆସୁଥିବା ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବା ସହ ବଣଭୋଜି କରି ନୂତନ ବର୍ଷକୁ ସ୍ୱାଗତ କରୁଥିଲେ। ବର୍ଷର ଶେଷ ଦିନକୁ ମନଭରି ଉପଭୋଗ କରିଛନ୍ତି ଲୋକେ। ୨୦୨୩ର ଶେଷ ଦିନଟି ରବିବାର ପଡ଼ିଥିବାରୁ ପର୍ଯ୍ୟଟନସ୍ଥଳୀରେ ବିଶେଷ ଭାବେ ଲୋକଙ୍କ ଭିଡ ଲାଗିଛି। ବର୍ଷ ଯାକ ଯାହା ହେଲା ମନ ମନାନ୍ତରକୁ ଭୁଲି ନିଜ ପରିବାର ହେଉ କି ସାଙ୍ଗସାଥିଙ୍କ ସହ ସମୟ ଅତିବାହିତ କରିବା ଏହି ଦିନ ହେଉଛି ଠିକ ଦିନ ବୋଲି ବରଗଡ଼ ଜିଲ୍ଲା ବରପାଲିରୁ ଆସିଥିବା ଜଣେ ପର୍ଯ୍ୟଟକ କହିଛନ୍ତି। ବର୍ଷ ତମାମ କାମରେ ବ୍ୟସ୍ତ ରହି ନିଜ ପରିବାରକି ସାଙ୍ଗସାଥିଙ୍କୁ ସମୟ ଦେଇ ପାରିନାହୁଁ। ତେଣୁ ବର୍ଷର ଶେଷଦିନ ପୁଣି ରବିବାର ଥିବାରୁ ଭଲକରି ସମସ୍ତଙ୍କୁ ସମୟ ଦେଇ ହେଉଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ମନଲୋଭା ଦୃଶ୍ୟ ଆକର୍ଷିତ କରୁଛି ବୋଲି କହିଛନ୍ତି। ଗୋଟାଏ ପାର୍ଶ୍ୱରେ ହୀରାକୁଦ ଜଳାଶୟ ଅନ୍ୟ ଏକ ପାର୍ଶ୍ୱରେ ଘଞ୍ଚଜଙ୍ଗଲ ପରିବେଶ ଅଭୟାରଣ୍ୟ ଡେବ୍ରିଗଡ଼। ସେଥିପାଇଁ ବଣଭୋଜି କରିବାର ସ୍ୱତନ୍ତ୍ର ମଜା ଦେଉଥିବା ଜଣାପଡ଼ିଛି। ଖାଲି ଯେ ବଣଭୋଜିରେ କଥା ସରିନାହିଁ। ପରିବାର ସଦସ୍ୟ ଭୋଜି ସହ ତାସ, ବ୍ୟାଡମିଣ୍ଟନ, ଲୁଡୁ ଖେଳି ଶେଷ ଦିନ କୁ ପାଳିଛନ୍ତି। ହୀରାକୁଦର ଏକ ଟ୍ୟୁସନ ଗୃପର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅବିଭାବକ ସହ ଆସି ପିକନିକ କରି ଖୁବ ଖୁସି ଥିବା କହିଛନ୍ତି। ଶାନ୍ତିଶୃଙ୍ଖଳା ସହ ବର୍ଷର ଶେଷ ଦିନକୁ ଅତିବାହିତ କରିଥିବା ଜଣାପଡ଼ିଛି। ଅନ୍ୟପଟେ ଜିରୋ ନାଇଟ ପାଇଁ ହୋଟେଲ, କ୍ଲବ ଗୁଡିକରେ ମଧ୍ୟ ସେଲିବ୍ରେସନ ହୋଇଥିଲା।





# ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୩୧।୧୨(ସମିସ):** ସମ୍ବଲପୁରୀ ସଂସ୍କୃତିର ପରିଚୟ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସରେ ଆଜି ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାକ୍ଷୀ ପଡ଼ାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁ ସତ୍ୟ ନାରାୟଣ ବହିଦାର ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ସୋନପୁରରେ ଜନ୍ମ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କ ଜୀବନର ଅଧିକାଂଶ ସମୟ ସମ୍ବଲପୁରରେ କଟିଥିଲା। ସମ୍ବଲପୁରୀ ଭାଷାର ସ୍ୱତନ୍ତ୍ରତା ଏବଂ ପ୍ରଚାର ପାଇଁ ସାରା ଜୀବନ ଲଢେଇ କରିଥିଲେ। ଲୋକଙ୍କୁ ସମ୍ବଲପୁରୀରେ ଲେଖିବା ସହ ସମ୍ବଲପୁରୀ ସଂସ୍କୃତିକୁ ଆପଣେଇବାକୁ ସେ ଉତ୍ସାହିତ କରିଥିଲେ। ସେଥିପାଇଁ ତାଙ୍କର ଅବଦାନକୁ ମନେ ପକାଇ ତାଙ୍କର ଜନ୍ମ ଦିନକୁ ୨୦୧୩ ଠାରୁ ସମ୍ବଲପୁରୀ ଦିନ ଭାବରେ ପାଳନ କରାଯାଇ ଚାରିଆଡ଼େ ବେଶ ଆଦୃତ ହୋଇପାରିଛି। ତାଙ୍କ ସ୍ମୃତିର ସୁରକ୍ଷା ପାଇଁ ଗୁରୁ ସତ୍ୟ ନାରାୟଣ ସ୍ମୃତି ଉଦ୍ୟାନରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। କାମକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ମତ ପୋଷଣ ହେଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆବାହକ ଭବାନୀଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସୁଦାମ ମେହେର, କାନ୍ତି ମେହେର, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ, ଦେବାଶିଷ ବେହେରା, କୃଷ୍ଣଚନ୍ଦ୍ର ବାଗ, ଲଳିତ ମୋହନ ବେବର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ।



# ଲିମସରିଆନ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୩୧।୧୨(ସମିସ):**ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୩୬ ଖଣ୍ଡୁଆଲ ଫୁଟବଲ ପଡ଼ିଆରେ ଆୟୋଜିତ ଲିମସରିଆନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ଆଠଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଗୋଲାବନ୍ଧ ଓ ଖଣ୍ଡୁଆଲ ମଧ୍ୟରେ ହୋଇଥିଲା। ୧...୦ ଗୋଲରେ ଗୋଲାବନ୍ଧ ବିଜୟୀ ହୋଇଥିଲା। ଖେଳକୁ ଜୟରାଜ ଧର, ନନ୍ଦକିଶୋର ନାୟକ, ଦେବାଶିଷ ବେହେରା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ବିନୋଦ ସାହୁ, ରଞ୍ଜିତ ନାଥ, ଶୁଭମ ସେଟ ରହି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହିତ ନଗଦ ରାଶି ପ୍ରଦାନ କରିଥିଲେ। ରାଜେଶ ମାଝୀ, ରଞ୍ଜୁ ପାଣ୍ଡେ, ଦୀପକ ଗରତିଆ, ଅନନ୍ତ ନାଏକ, ରାଜୀବ ଷଣ୍ଢ, କିଶୋର ପାଣ୍ଡେ ପ୍ରମୁଖ ଖେଳ ଆୟୋଜନ କରିବାରେ ସହଯୋଗ କରିଥିଲେ।



## ■ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

# ୨୦୬ ୟୁନିଟ୍ ରକ୍ତ ସଂଗ୍ରହ

**ସମ୍ବଲପୁର, ୩୧।୧୨ (ସମିସ):** ଲିମ୍‌ସରିଏନ୍ ଯୁବକ ସଚେତନା ସଂଘର ୧୩ତମ ପ୍ରତିଷ୍ଠା ଦିବସ ଅବସରରେ ମାଳତୀଗୁଣ୍ଡେରପୁରସ୍ଥିତ ଲିମ୍‌ସରିଏନ୍ ମନ୍ଦିର ସମ୍ମୁଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୦୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସଂଘର ସଦସ୍ୟ ଓ ସହରର ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ପହଞ୍ଚି ରକ୍ତଦାନ କରିଥିଲେ। ଅତିଥି ଭାବେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଏନ୍‌ସିସି ଗ୍ରୁପ୍ କମାଣ୍ଡର୍ କର୍ଣ୍ଣଲେ ଗାଏସୋ ଯୋଗ ଦେଇଥିଲେ। ବୁର୍ଲା ରକ୍ତଭଣ୍ଡାରର ଡା. ଦେବାଶିଷ ମିଶ୍ର ଓ ସଦର ଡାକ୍ତରଖାନାର ଡା. କକ୍ଳେଶ କକ୍କଡ ଟିମ୍ ଶିବିର ପରିଚାଳନା କରିଥିଲେ। ଯୁବକ ସଂଘ ସଭାପତି ଅମିତ କୁମାର ସ୍ୱାଇଁ, ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ପାଢ଼ୀ, ଭବାନୀ ମିଶ୍ର, ଅସିମ ପତି, ବିଭୁତି ଭୂଷଣ ବେହେରା, ସମୀର ସାହୁ, ଟିଙ୍କୁ ପଧାନ, ଅଭିଷେକ ପାଣିଗ୍ରାହୀ, ହିତେଶ ସାହୁ, ଅବିନାଶ ପାଣିଗ୍ରାହୀ, କୈଳାସ ମେହେର, ଅଂଶୁମାନ ପ;ନାୟକ, ଲକି ସାହୁ, ଲୋକନାଥ ଅହିର, ରଞ୍ଜନ ପାଢ଼ୀ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।



## ପୂର୍ବୋଦୋୟ ଆର୍ଟ ଫାଉଣ୍ଡେସନ୍‌ର ଚତୁର୍ଥ ଜାତୀୟସ୍ତରୀୟ ଶିଳ୍ପୀକଳା ଶିବିର

# ଓମ୍‌ପ୍ରକାଶ ଗୁପ୍ତାଙ୍କୁ 'କଳାଗୌରବ', ଭୋଳାନାଥ ନାୟକଙ୍କୁ 'କଳାରତ୍ନ'

**ସମ୍ବଲପର ୩୧।୧୨(ସମିସ):** ଚିତ୍ରକଳାର ବିକାଶ ଓ ଶିଳ୍ପୀ ମାନଙ୍କର ସମ୍ମାନକୁ ଲକ୍ଷ୍ୟ ରଖି ବାଲେଶ୍ୱର ପୂର୍ବୋଦୋୟ ଆର୍ଟ ଫାଉଣ୍ଡସନ ପକ୍ଷରୁ ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ଚତୁର୍ଥ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ଼ିସେମ୍ବର ୨୮ ଓ ୨୯ ତାରିଖ ହୋଇଥିଲା। ଜାତିୟ ସ୍ତରୀୟ ଜଳରଙ୍ଗ ଚିତ୍ରକଳା ଶିବିରରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, ବିହାର, କେରଳ, ହାଇଦ୍ରାବାଦ, ଛତିଶଗଡ଼, ତ୍ରିପୁରା ପ୍ରଭୃତି ରାଜ୍ୟରୁ ୫୦ ଜଣ ବିଖ୍ୟାତ ଜଳରଙ୍ଗ ଚିତ୍ରଶିଳ୍ପୀ ଯୋଗ ଦେଇଥିଲେ। ସେହିପରି ଦେଶବାହାରୁ ଫ୍ରାନ୍ସ, ନେପାଳ, ବାଙ୍ଗଲା ଦେଶରୁ ଚାରି ଜଣ ବରିଷ୍ଠ କଳାଶିଳ୍ପୀ ଯୋଗଦେଇଥିଲେ। ପ୍ରଥମ ଦିନରେ ସମସ୍ତ ଚିତ୍ରଶିଳ୍ପୀ ନିଜ ନିଜର କଳାକୁ ସୌନ୍ଦର୍ଯ୍ୟଭରା ହୀରାକୁଦ ଜଳଭଣ୍ଡାର ଠାରେ ପୃଷ୍ଟୋଟିତ କରିଥିଲେ। ଯାହାକୁ ଦେଖିବା ପାଇଁ ପର୍ଯ୍ୟଟକମାନଙ୍କର ବେଶ ଭିଡ଼ ଜମିଥିଲା। ପୂର୍ବଦୋୟକ୍ଷ ଆର୍ଟ ଫାଉଣ୍ଡେସନ୍‌ର ସଭାପତି ପ୍ରତାପ ରାଉତ, ସମ୍ପାଦକ ନବୀନ ପଣ୍ଡା, ଉପ-ସଭାପତି ପୂର୍ଣ୍ଣେନ୍ଦୁ ପ୍ରକାଶ ପତି, ସହ-ସମ୍ପାଦକ- ଆଶିଷ୍ କୁମାର ସାହୁ, ସଞ୍ଜୟ ରାଉଳ, ପ୍ରଦୀପ୍ କୁମାର ପାତ୍ର, ଲଳନ ଯାଦବ୍, କୋଷାଦକ୍ଷ -ସୁବ୍ରତ ଦତ୍ତ ଏବଂ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଉତ୍ତରପ୍ରଦେଶର ଶିଳ୍ପୀ ଡ. ଓମ୍ ପ୍ରକାଶ ଗୁପ୍ତା, ଓଡ଼ିଶାର ଶିଳ୍ପୀ କେଦାର ନାୟକ, ବନ୍ଦନା ପଣ୍ଡା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଫୋଟଗ୍ରାଫର ଭୋଳାନାଥ ନାୟକ ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ଯୋଗ ଦେଇଥିଲେ। ଅତିଥି କଳାକାର ନିଳୀମା ପ୍ରଧାନଙ୍କ ଏକକ କଳା ପ୍ରଦର୍ଶନୀ ଫାଉଣ୍ଡେସନ ତରଫରୁ ଆୟୋଜନ ହୋଇଥିଲା। ଫାଉଣ୍ଡେସନ ତରଫରୁ ଡ. ଓମ୍ ପ୍ରକାଶ ଗୁପ୍ତା (ୟୁପି) ଙ୍କୁ କଳା ଗୌରବ-୨୦୨୩ ଓ ଭୋଳନଥ ନାୟକ (ଓଡ଼ିଶା)ଙ୍କୁ କଳାରତ୍ନ-୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ମନୋଜ ଚୌଧୁରୀ, ପପୁ କର, ପ୍ରେମଚାନ୍ଦ ରାଉତ, ଅନୀଲ କେରକେଟା, ସୁଜାତା ବେହେରା, ସଞ୍ଜୟ ସାହୁ, ଶଶୀକାନ୍ତ ପୁରୋହୀତ, ଦିଲ୍ଲୀପ ଗିରି, ଅମଲେନ୍ଦୁ ଦତ୍ତ, ପଦ୍ମନ ଗିରି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଫାଉଣ୍ଡେସନର ସମ୍ପାଦକ ନବୀନ ପଣ୍ଡା ଅନୁଷ୍ଠାନର ଆଗାମୀ ଲକ୍ଷ୍ୟ ଓ ବିବରଣୀ ପାଠ ସହ ସଭାପତି ପ୍ରତାପ ରାଉତ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଏହି ଶିବିରକୁ ଶେଷ କରିବା ସହ ଆଗାମୀ ଦିନରେ ଦେଶର ବିଭିନ୍ନ ରାଜ୍ୟରେ ଏହିଭଳି ଶିବିର ଆୟଜିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।




## ଜିଲ୍ଲା ପ୍ରଶାସନ ଓ ସାଂସ୍କୃତିକ ସମାଜ ପକ୍ଷରୁ ବୀରତା ଦିବସ

# କବିଗୁରୁ ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ ପାଳିତ

**ସମ୍ବଲପୁର, ୩୧।୧୨(ସମିସ)**

ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଜି ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ବୀରତା ଦିବସ ଓ କବି ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସାଂସ୍କୃତିକ ସମାଜର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଷ୍ଟିସ୍ ଗୋପରଞ୍ଜନ ଦୁବେ କହିଥିଲେ ଯେ, ବୀର ସୁରେନ୍ଦ୍ର ସାଏଙ୍କ ଉଲ୍‌ଗୁଲାନରେ ମାଧୋ ସିଂଙ୍କ ବଳିଷ୍ଠ ସହଯୋଗ ରହିଥିଲା ତେଣୁ ବୀର ସୁରେନ୍ଦ୍ର ସାଏଙ୍କ ଭଳି ସେ ମଧ୍ୟ ଆମର ଚିରସ୍ମରଣୀୟ। ସତ୍ୟତା ବହିଦାର ଜଣେ ସମର୍ପିତ କବି ହେବାସହ ଜଣେ ସୁଶିକ୍ଷକ ମଧ୍ୟଥିଲେ। ସମ୍ବଲପୁରୀ ଭାଷାର ଯେ ନିଜସ୍ୱ ସ୍ୱତନ୍ତ୍ର ପରିଚୟ ରହିଛି ତାହା ସାବ୍ୟସ୍ତ କରିବାରେ ସେ ଜୀବନର ଅଧିକାଂଶ ସମୟ ବିତାଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ତାଙ୍କ ବକ୍ତବ୍ୟ ରଖି କହିଲେ ଯେଉଁମାନେ ଆମ ମାଟି ଓ ଭାଷା ପାଇଁ ତ୍ୟାଗ ଓ ଶ୍ରମ କରିଛନ୍ତି ସେମାନଙ୍କୁ ସ୍ମରଣ ରଖିବା ଆମର କର୍ତ୍ତବ୍ୟ ଅଟେ।ସମ୍ବଲପୁରୀ ଭାଷା ସମୃଦ୍ଧ ହେଲେ ହିଁ ଓଡିଆ ଭାଷା ସମୃଦ୍ଧ ହେବ। ଆଲୋଚକ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀନାରାୟଣ ହୋତା ବୀରତା ଦିବସ ଉପରେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମାଧୋ ସିଂଙ୍କ ଭଳି ଦେଶ ପାଇଁ ସପରିବାର ପ୍ରାଣ ବିସର୍ଜନ କରିଥିବା ଭଳି ପରିବାରର ଦୃଷ୍ଟାନ୍ତ ଭାରତ ଇତିହାସରେ ବିରଳ। ମାଧୋ ସିଂ କେଉଁ କାଳଖଣ୍ଡରେ ସକ୍ରିୟ ଥିଲେ ସେ ସମ୍ପର୍କରେ ଆଲୋଚନା କରିବା ଅପେକ୍ଷା ତାଙ୍କ ତ୍ୟାଗ ଉପରେ ସମାଜକୁ ଜଣାଇବାର ଆବଶ୍ୟକତା ଅଧିକ ରହିଛି। ସେ ସମୟରେ ବିନା ସାଧନରେ ବିଦ୍ରୋହୀମାନଙ୍କ ମଧ୍ୟରେ ଯୋଗାଯୋଗ କିପରି ରହୁଥିଲା ତାହା ଉପରେ ଅଧିକ ଗବେଷଣା ଆବଶ୍ୟକ।ମାଧୋ ସିଂଙ୍କ ଭଳି ବୀରମାନଙ୍କ ବୀରଗାଥା ଆମକୁ ମାଟି ସହ ଆହୁରି ଯୋଡି ଦିଏ ତେଣୁ ତାଙ୍କ ଉପରେ ଅଧିକରୁ ଅଧିକ ଗବେଷଣା ହେବା ଉଚିତ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଆଲୋଚକ କବି ଡ. ପ୍ରଦୀପ କୁମାର ପଣ୍ଡା ସତ୍ୟନାରାୟଣ ବହିଦାରଙ୍କ ଉପରେ ବକ୍ତବ୍ୟ ରଖି କହିଥିଲେ, ମଣିଷ ସହଜରେ ଅତୀତକୁ ଭୁଲି ପାରେନାହିଁ ଆଉ ଆଗମୀକୁ ନେଇ କଳ୍ପନା ପ୍ରବଣହେବାର ଅଭ୍ୟାସକୁ ଛାଡି ପାରେନାହିଁ। ଗୁରୁ ସତ୍ୟନାରାୟଣ ବହିଦାର ଜଣେ ଭାଷା ସଂଗ୍ରାମୀଥିଲେ। ସେ ନିଜ କଥିତ ଭାଷାକୁ ଏକ ମାନକ ସ୍ତରକୁ ନେବା ପାଇଁ ଏକାକି ଆଗକୁ ବଢ଼ିଥିଲେ। ତାଙ୍କ ସତ୍‌ପ୍ରୟାସର ପରିଣାମ ସ୍ୱରୂପ ଆଜି ସେହି ଭାଷା ମାନ୍ୟତାପ୍ରାପ୍ତ ହେଲାଣି। ସତ୍ୟନାରାୟଣଙ୍କ ସାହିତ୍ୟର ଯଥାଯଥ ପ୍ରଚାର ହେବା ଉଚିତ। ସେ ସବୁ ଭାଷାକୁ ସମ୍ମାନ ଦେବା ଆମକୁ ଶିଖାଇଛନ୍ତି। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଅନ୍ଧାରିକପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୩୧।୧୨(ସମିସ):**ନାକଟିଦେଉଳ ବ୍ଲକ ବଲମ ପଞ୍ଚାୟତରେ ୟୁଥସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ୮ତମ ଅନ୍ଧାରିକପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଛି। ମୋଟ ୧୬ଟି ଦଳ ଭାଗ ନେଇଥିଲେ। ବିଜୁଜନତା ଦଳ ନାକଟିଦେଉଳ ବ୍ଲକ ସଭାପତି ଧିରେନ କୁମାର ସାହୁ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆଜିର ଫାଇନାଲ ମ୍ୟାଚ ଯୁରାପାଲି ଓ ଖଣ୍ଡିଆମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡିଆମୁଣ୍ଡା ୨୦ ଓଭରରେ ୬ ୱିକେଟ ହରାଇ ୧୫୧ ରନ ସଂଗ୍ରହ କରିଥିଲେ। ଯୁରାପାଲି ୧୮ ଓଭରରେ ୧୦୨ ରନ କରି ଅଲଆଉଟ ହୋଇଥିଲା। ଖଣ୍ଡିଆମୁଣ୍ଡା ଦଳ ୪୯ ରନରେ ବିଜୟ ହୋଇଥିଲା। ଝସକେତନ ବିଶ୍ୱାଳ ଓ ସିତୁନ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଖଣ୍ଡିଆମୁଣ୍ଡା ଦଳର ଇନ୍ଦୁ ହାତେଇଥିଲେ। ମ୍ୟାନ ଅଫ ଦି ସିରଜ ଆୟୁଷ ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଢ଼ାଖୋଲ ବ୍ଲକ ଚେୟାରମ୍ୟାନ ପ୍ରଦୀପ ପ୍ରଧାନ, ନାକଟିଦେଉଳ ବ୍ଲକର ପୁର୍ବତନ ଚେୟାରମ୍ୟାନ ସୁଦର୍ଶନ ସାହୁ, ଜିଲ୍ଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା ଯୋଗଦାନ କରିଥିଲେ। କ୍ଲବର ଉପଦେଷ୍ଟା ସମୀର କୁମାର ସେଠୀ, ସମାଜସେବୀ ରମେଶ ପ୍ରଧାନ, ବୁଲଟେ କୁମାର ନାୟକ ସିତୁନ କୁମାର ପ୍ରଧାନ ଆୟୋଜନରେ ସହଯୋଗ କରିଥିଲେ।



ସକାଳ THE SAKALA



# ଡେବ୍ରିଗଡ଼ ଅଭୟାରଣ୍ୟରେ ବଢୁଛି ପର୍ଯ୍ୟଟକଙ୍କ ଭିଡ଼












**ବରଗଡ଼/ସମ୍ବଲପୁର, ୩୧।୧୨(ସମିସ)**

ଶୀତ ବଢ଼ିବା ସହ ଡେବ୍ରିଗଡ଼ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାକୁ ଲାଗିଛି। ଚଳିତ ବର୍ଷ ଶୀତ ଋତୁର ଆରମ୍ଭରୁ ଡେବ୍ରିଗଡ଼ ଅଭୟାରଣ୍ୟରେ ଦେଶବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ଦେଖିବାକୁ ମିଳିଛି। ଗତ କିଛି ମାସ ମଧ୍ୟରେ ଡେବ୍ରିଗଡ଼ରେ ପର୍ଯ୍ୟଟକଙ୍କ ଭିଡ ଆରମ୍ଭ ହୋଇଥିଲା ଏବଂ ତାହା ଚଳିତ ଶୀତ ଋତୁ ରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ବର୍ତମାନର ଶୀତ ସମୟରେ ବିଦେଶରୁ ମଧ୍ୟ ପର୍ଯ୍ୟଟକମାନେ ଏଠାକୁ ଆସି ଏହାର ଶୋଭାରାଜି ଉପଭୋଗ କରୁଛନ୍ତି। ବର୍ତ୍ତମାନ ସମୟରେ ପର୍ଯ୍ୟଟକମାନେ ସଫାରି, କ୍ରୁଜରେ ପରିଭ୍ରମଣ କରିବା ସହ ଡେବ୍ରିଗଡ଼ର ପ୍ରାକୃତିକ ପରିବେଶର ମଜା ନେଉଛନ୍ତି। ପର୍ଯ୍ୟଟକଙ୍କ ଭିଡ ସହ ଡେବ୍ରିଗଡ଼ରେ ରାଜସ୍ୱ ବୃଦ୍ଧି ପାଇଛି। ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଡେବ୍ରିଗଡ଼ ଅଭୟାରଣ୍ୟର ଇକୋଟୁରିଜିମ୍ ଦ୍ୱାରା ୨ କୋଟି ୩୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜସ୍ୱ ଅତ୍ୟନ୍ତ ଉତ୍ସାହଜନକ ହେବ ବୋଲି ଆଶା କରାଯାଉଛି। ଏଠାରେ ରାତ୍ର କାଳୀନ ରହଣି ପାଇଁ ୧୪ ଟି ରୁମ୍ ରହିଛି ଯାହା ନଭେମ୍ବର ୨୩ ରୁ ଜାନୁୟାରୀ ୨୪ ପର୍ଯ୍ୟନ୍ତ ପର୍ଯ୍ୟଟକ ମାନଙ୍କ ଦ୍ୱାରା ରିଜର୍ଭ ହୋଇ ସାରିଛି। ଚଳିତ ବର୍ଷ ଅକ୍ଟୋବରରୁ ୧୮ ଟି ସଫାରି ଯାନ ଏସି ଓ ଅଣ ଏସି ଯୁକ୍ତ ଖୋଲା ଜିପ୍ ପର୍ଯ୍ୟଟକ ମାନଙ୍କ ପାଇଁ ଉପଲବ୍ଧ ରହିଛି। ପର୍ଯ୍ୟଟକମାନେ ବର୍ତ୍ତମାନ ସମୟରେ ଚିତାବାଘ ତଥା ବିଭିନ୍ନ ବନ୍ୟଜନ୍ତୁ ବୁଲୁଥିବା ଦୃଶ୍ୟ ଉପଭୋଗ କରୁଛନ୍ତି। ବିଶେଷ କରି ବଣ ମଇଁଷି, ସମ୍ବର, ଚିଥଲ, ଭାଲୁ, ମୟୁର ଆଦି ପର୍ଯ୍ୟଟକ ମାନେ ଆରାମରେ ଦେଖିପାରୁଛନ୍ତି। ସେହିପରି ୭୦୦ ବର୍ଗ କିଲୋମିଟର ହୀରାକୁଦ ହ୍ରଦରେ କ୍ରୁଜ୍ ପାଇଁ ୧୫ ଟି ସ୍ପିଡ୍ ଡଙ୍ଗା ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ୨୫ ହଜାରରୁ ଅଧିକ ପରିଦର୍ଶକ ଆଜି ପର୍ଯ୍ୟନ୍ତ ଡେବ୍ରିଗଡ଼ର ପ୍ରାକୃତିକ ଶୋଭାରାଜିର ଉପଭୋଗ କରିଥିବା ଜଣାପଡ଼ିଛି। ସେହିପରି ଏଠାରେ ଥିବା ଡେବ୍ରିଗଡ଼ ଇକୋଟୁରିଜିମ୍‌ରୁ ୭୫ ରୁ ଅଧିକ ପରିବାର ଜୀବିକା ନିର୍ବାହ କରୁଥିବା ଏବଂ ପ୍ରତ୍ୟେକ ପରିବାର ବର୍ଷସାରା ମାସକୁ ପ୍ରାୟ ୧୩ରୁ ୧୫ ହଜାର ଟଙ୍କା ରୋଜଗାର କରିବାରେ ସକ୍ଷମ ହୋଇପାରିଛନ୍ତି। ଗତ ଆର୍ଥିକ ବର୍ଷରେ ପର୍ଯ୍ୟଟନ ଫୁଟ୍ ୩୦ ହଜାର ଥିଲା ଯାହା ରାଜସ୍ୱ ୨ କୋଟି ୫୦ ଲକ୍ଷ ଟଙ୍କା ଥିଲା। ୨୦୨୩ ମସିହାରେ - ଗୋବିନ୍ଦପୁର ପକ୍ଷୀ ଗ୍ରାମ, ବାରବଖରା ତୀର୍ଥସ୍ଥାନ ଏବଂ ବୀର ସୁରେନ୍ଦ୍ର ସାଏ ମେମୋରିଆଲ ସାଙ୍ଗକୁ ନୂତନ ସଫାରି ପ୍ୟାକେଜ୍ ଆରମ୍ଭ ହୋଇଥିଲା, ଯାହା ଭାରତୀୟ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଛି। ଜିରୋ ପଏଣ୍ଟରେ ନୂତନ ଭାବେ ଖୋଲାଯାଇଥିବା ଡେବ୍ରିଗଡ଼ ପ୍ରକୃତି ପାର୍କ ଏବଂ ଗୋବିନ୍ଦପୁରରେ ଥିବା ହିରାକୁଦ ପ୍ରକୃତି ପାର୍କ, ସ୍ମରଣିକା ଦୋକାନ ଇତ୍ୟାଦି ଡେବ୍ରିଗଡ଼କୁ ଆସୁଥିବା ଦୂରଦୂରାନ୍ତର ଭ୍ରମଣକାରୀଙ୍କ ପାଇଁ ପରିଭ୍ରମଣ, ଖାଦ୍ୟ ଏବଂ ବିଶ୍ରାମ ସୁବିଧାକୁ ସୁଗମ କରିଛି। ଏହି ସବୁ ଆନୁସଙ୍ଗିକ ବ୍ୟବସ୍ଥା ଯୋଗୁଁ ଆଜି ଡେବ୍ରିଗ? ଅଭୟାରଣ୍ୟ ପର୍ଯ୍ୟଟକ ମାନଙ୍କର ଅନ୍ୟତମ ପରିଭ୍ରମଣ ସ୍ଥଳ ଭାବରେ ପରିଗଣିତ ହୋଇପାରିଛି।

**ପ୍ରାକୃତିକ ପରିବେଶର ମଜା ଉଠାଉଛନ୍ତି ପର୍ଯ୍ୟଟକ**

## କୁମ୍ଭାରୀ ଗ୍ରାମାଞ୍ଚଳ କ୍ରିକେଟ; ଲରମ୍ଭା ଶ୍ରେଷ୍ଠଦଳ

**ବରପାଲି, ୩୧।୧୨ (ସମିସ):** ବରପାଲି ବ୍ଲକ କୁମ୍ଭାରୀ ୩୩ତମ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତା ସମାପନ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆରେ କୁମ୍ଭାରୀ କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ସପ୍ତ ଦିବସିୟ ପ୍ରତିଯୋଗିତାର ଉଦଯାପନୀ ଦିବସରେ ଲରମ୍ଭା ଦଳ ଶ୍ରେଷ୍ଠ ଦଳ ଭାବରେ ବିବେଚିତ ହୋଇଥିବା ବେଳେ ଦ୍ୱିତୀୟ ଦଳ ରୂପେ ବଲାଙ୍ଗିର ପୁରସ୍କୃତ ହୋଇଥିଲେ। ଫାଇନାଲ ଖେଳରେ ଲରମ୍ଭା ଦଳ ୧୭୨ରନ ସଂଗୃହିତ କରିଥିବା ବେଳେ ବଲାଙ୍ଗିର ୧୩୭ରନ ସଂଗ୍ରହ କରି ପରାଜୟର ସ୍ୱାଦ ଚାଖିଥିଲେ। ପ୍ରତଯୋଗିତାରେ ୮ଟି ଦଳ ସିଣ୍ଡୋଲ, ଲରମ୍ଭା, ସରେଇପାଲି, ବରଗଡ଼, ସମ୍ବଲପୁର, କୁମ୍ଭାରୀ ବଲାଙ୍ଗିର, ବରପାଲି, ପ୍ରଭୃତି ଦଳ ମାନ ଭାଗ ନେଇଥିଲେ। ଫାଇନାଲ ଖେଳଟି ଆସନ୍ତା କାଲି ବର୍ ଆଜିକାର ଖେଳରେ ମ୍ୟାନ ଅଫ ଦି ମେଚ ଭାବରେ ଅମିୟ ଲରମ୍ଭା ଦଳର ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଯୋଗ ଦେଇ କ୍ରୀଡା ପତାକା ଅବତରଣ ସହ ପ୍ରତିଯୋଗିତାର ପରିସମାପ୍ତି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ରିନା ଥଇତ ଯୋଗ ଦେଇ ଖେଳାଳି ଓ ଆୟୋଜକ ମଣଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳୀ ଭାବରେ ବସିତ ଅଲ୍ଲି ଓ ମେନ ଅଫଦି ସିରିଜ ଅମରଦୀପ ସୂନା ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା ସଞ୍ଜୟ କୁମାର ଦେବତା ଓ ବିରବର ପଧାନ, ଦିପକ ମହାପାତ୍ର, ମନୋଜ ମହାପାତ୍ର, ସେବାନନ୍ଦ ନାଏକ ଓ ମନୋଜ କୁମାର ସାହୁଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିପିନ କୁମାର ପଣ୍ଡା ଓ ଡୋଲାମଣି ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା।





ନବବର୍ଷ ପାଇଁ ଫୁଲ ବଜାରରେ ଭିଡ — ଫଟୋ - ନରସିଂହ

# ସାହିତ୍ୟିକ ଜନ୍ମେଜୟ ବାବୁଙ୍କ ଦୁଇ ଉପନ୍ୟାସ ଉନ୍ମୋଚିତ

**ସମ୍ବଲପୁର, ୩୧।୧୨(ସମିସ):** ସମ୍ବଲପୁର ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ସ୍ମୃତି ସମିତି ପକ୍ଷରୁ ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପର ସଭା ପ୍ରକୋଷ୍ଠରେ ବିଶିଷ୍ଟ ସାହିତ୍ୟିକ ଜନ୍ମେଜୟ ବାବୁଙ୍କ ଅନୁଦିତ ଉପନ୍ୟାସ ଅପ୍ସରାର ଅଭିଶାପ ' ଓ 'ସୁଖଦା'ର ଉନ୍ମୋଚିତ ହୋଇଯାଇଛି। ସମିତିର ସଭାପତି ପୂର୍ବତନ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରଫେସର ଡ. କାମଦେବ ସାହୁ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ସୋମନାଥ ବିଶ୍ୱାଳ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ସମ୍ବଲପୁରୀ ସାହିତ୍ୟର ଜନକ ସ୍ୱର୍ଗତ ସତ୍ୟନାରାୟଣ ବହିଦାରଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଲାପରେ ମୁଖ୍ୟ ଅତିଥି ଡ.ସାହୁ ଜନ୍ମେଜୟ ବାବୁଙ୍କ ଅନୁଦିତ ଉପନ୍ୟାସକୁ ଉନ୍ମୋଚନ ପୂର୍ବକ କହିଥିଲେ ଯେ, ଅନୁବାଦ ସାହିତ୍ୟ ଜରିଆରେ ଗୋଟେ ଭାଷାର ବ୍ୟାପକ ବିକାଶ କରାଯାଇପାରେ। ପୁନଶ୍ଚ, ସେ ଉପନ୍ୟାସ ସୁଖଦା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱାଳ ଅନୁଦିତ ଉପନ୍ୟାସ' ଅପ୍ସରାର ଅଭିଶାପ'ଉପରେ ସମୀକ୍ଷା କରି କହିଥିଲେ ଯେ, ଏହି ଉପନ୍ୟାସରେ ଭାରତୀୟ ନାରୀର ଅନନ୍ୟ ଆଦର୍ଶ ପ୍ରତିଭାତ ହୋଇଛି। ପୂର୍ବରୁ ଗୋପୀନାଥ ଷଡ଼ଙ୍ଗୀ ଜନ୍ମେଜୟ ବାବୁଙ୍କ ପ୍ରକାଶିତ ସମସ୍ତ ପୁସ୍ତକ ଉପରେ ପୂର୍ବାବଲୋକନ କରିଥିଲେ। ସମ୍ମାନିତ ଅତିଥି ମହାପାତ୍ର ଉପନ୍ୟାସ ଦୁଇଟି ଉପରେ ମତାମତ ଦେଇ ବାବୁଙ୍କୁ ପ୍ରଶଂସା କରିଥିଲେ। ଲେଖକ ଜନ୍ମେଜୟ ବାବୁ ସେଠାରେ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ବିଶିଷ୍ଟ କୀର୍ତ୍ତନ ଗାୟକ ଜିତେନ ବାଗଙ୍କୁ ସମ୍ମାନିତ ଓ ମାନପତ୍ର ଜ୍ଞାପନ କରାଯାଇଥିଲା। ସଭାପତି ରଘୁନାଥ ମିଶ୍ର ତାଙ୍କର ଅଭିଭାଷଣରେ ଅନୁଦିତ ଉପନ୍ୟାସ ଦୁଇଟି ଉପରେ ମତାମତ ଦେଇ ଅନୁବାଦକ ବାବୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଶେଷରେ କାହ୍ନୁ କେଶବ ବହିଦାର ଭଜନ ଗାନ କରିଥିବାବେଳେ ସବିତା ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।



## ୨୮ ତମ ବୀର ଛବିଲ ସାଏ ଫୁଟ୍‌ବଲ କପ୍



**ସମ୍ବଲପୁର, ୩୧।୧୨(ସମିସ):** ଛବିଲ ସାଏ ୟୁଥ କ୍ଲବ କୁଦୋପାଲି ପକ୍ଷରୁ ଆୟୋଜିତ ୨୮ ତମ ବୀର ଛବିଲ ସାଏ ଫୁଟବଲ କପ ଉଦ୍‌ଯାପିତ ହୋଇଯାଇଛି। ୪୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇ ଏ ଫୁଟବଲ ପ୍ରତିଯୋଗିତ ଆୟୋଜିତ ହୋଇଥିଲା। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବେଲପାହାଡ ଓ ସମ୍ବଲପୁର ୧୧ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ବେଲପାହାଡ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛି। ଜୟରାଜ ଧର, ରାଜାରାମ ଓରାମ ଓ ଦେବାନନ୍ଦ ମିର୍ଧା ଖେଳକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଫୁଲ ଭୋଇ, ତରଣୀ ସେଠ, ପ୍ରଦ୍ୟୁମ୍ନ ସେଠ, ସୁକଦେବ ନନ୍ଦି, ଚନ୍ଦ୍ରଶେଖର ପଣ୍ଡା, କିଶୋର ମହାକୁର, ଦିଲ୍ଲିପ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ପରଲୋକ

**ପଦ୍ମପୁର, ୩୧।୧୨ (ସମିସ):** ପଦ୍ମପୁରର ଜଣାଶୁଣା ବ୍ୟବସାୟୀ ତଥା ଉଦୟନାଥ ପର୍ଣ୍ଣଚରର ସତ୍ତାଧିକାରୀ ରୋହିତ ପଟ୍ଟନାୟକଙ୍କ ୭୦ ବର୍ଷ ବୟସରେ କପସିଲା ରୋଡ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜଣେ ସ୍ନେହି ପରୋପକାରୀ ତଥା ବନ୍ଧୁ ବତ୍ସଳ ଥିଲେ। ତାଙ୍କ ପଛରେ ସ୍ତ୍ରୀ ୪ ପୁଅ ଦେବାଶିଷ, ଶିବାସିଷ, ଦୁର୍ଗାଶିଷ, ଶୁଭାସିଶ ସହିତ ଝିଅ ଜ୍ୱାଇଁ ନାତିନାତୁଣୀ ଙ୍କୁ ଛାଡି ଚାଲି ଯାଇଛନ୍ତି। ତାଙ୍କ ବିୟୋଗରେ ସହରରେ ଶୋକ ର ଛାୟା ଖେଳିଯାଇଛି। ଜ୍ୟେଷ୍ଠ ପୁତ୍ର ଶିବାଶିଷ ମୁଖାଗ୍ନି ଦେଇଥିଲେ।



# ମହାନଦୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସମ୍ବଲପୁର, ୩୧।୧୨(ସମିସ):** ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜମିଦାରପାଲି ଚମ୍ପାପଡ଼ାରେ ମହାନଦୀ କ୍ଲବ ପକ୍ଷରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଟାଇ ବ୍ରେକର ଜରିଆରେ ୪-୨ ଗୋଲରେ ହପ୍ରିୟାବାହାଲ, ପଡ଼ିଆବାହାଲ ଦଳ ବିଜୟୀ ହୋଇଥିବା ବେଳେ ଇଲେଭେନ୍ ଷ୍ଟାର, ଜମାଦାରପାଲି ଦଳ ଉପବିଜେତା ହୋଇଥିଲେ। ବିଜୟୀ ଦଳକୁ ୩୦, ୦୦୦ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୨୦, ୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଡିଫେଣ୍ଡର ଭାବେ ଦିବ୍ୟ ପ୍ରଧାନ, ମେନ୍ ଅଫ୍ ଦ ଫାଇନାଲ ଜଳନ୍ଧର ଖଡିଆ, ବେଷ୍ଟ ଗୋଲକିପର ଭାବେ ବିଜୁ ଓରାମ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ଝାରସୁଗୁଡ଼ାର ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ରେଙ୍ଗାଲି ଜୋନ୍ ୧ ଜିଲ୍ଲା ପରିଷଦ ଚୋଳଶ୍ରୀ ମହାନନ୍ଦ, ସମ୍ବଲପୁର ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ଡନସେନା, ବରିଷ୍ଠ ନେତା ବିଷ୍ଣୁ ପ୍ରଧାନ, ନାରୀ ନେତ୍ରୀ ତୁଳସୀ ବେହେରା, ସମାଜସେବୀ ଗୋକୁଳାନନ୍ଦ ବେହେରା, ଜିଲ୍ଲା ଯୁବ ସମ୍ପାଦକ ମଞ୍ଜୁ ଓରାମ, ଆଦିତ୍ୟ ସାହୁ, ଯୁଗଲ ବନଛୋର୍, ଦୀପକ ପ୍ରସାଦ ସାହୁ, ଅଶ୍ୱିନୀ କଣ୍ଡା ପ୍ରମୁଖ ଯୋଗଦାନ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ଜିଲ୍ଲାର ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟରେ ସହଦେବ ଓରାମ, ବୁଲୁ ନାୟକ, ହୃଦାନନ୍ଦ ଓରାମ, ସୁନୀଲ ଓରାମ, ଟିମା ଓରାମ, ଆକାଶ ଓରାମ, ନକୁଲ ଓରାମ, ସଚିନ ଜେନା, ମନୋଜ ମିର୍ଦ୍ଧା, ପୂର୍ଣ୍ଣ ଓରାମ ପ୍ରମୁଖ ବହୁ ସହଯୋଗ କରିଥିଲେ। ରେଫରୀ ଭାବେ ଆନନ୍ଦ ମିର୍ଦ୍ଧା, ଲୋଲୋ ଓରାମ, ଲଛୁ ବେହେରା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।



# ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ବୀରତା ଦିବସ

**ପଦ୍ମପୁର, ୩୧।୧୨ (ସମିସ)**

ସହୀଦ ବୀର ମାଧୋ ସିଂଙ୍କ ୧୬୬ ତମ ବଳିଦାନ ଉଦ୍ଦେଶ୍ୟରେ ବୀରତା ଦିବସ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା କମିଟି ତରଫରୁ ଘେଁସ ଗ୍ରାମର ହାଇସ୍କୁଲ ପଡ଼ିଆ ଠାରେ ପାଳନ ହୋଇଥିଲା। ଆଦିବାସୀ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରା ଯାଇଥିଲା। ବିକାଶ ଗୃପର ଚ୍ୟାରମେନ୍ ଡି-ମୁରଳୀ କ୍ରୀଷ୍ଣା, ପଦ୍ମଶ୍ରୀ ଲୋକକବି ହଳଧର ନାଗ, ଗୋବର୍ଦ୍ଧନ ଭୋଏ, ଭାରତୀୟ ଜନତା ପାର୍ଟିର ରାଜ୍ୟ ସମ୍ପାଦକ ଈରାଶିଷ ଆଚାର୍ଯ୍ୟ, ଘେଁସ ଜମିଦାର ପରିବାରର ଲୋକେଶ୍ୱର ସିଂ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ବରଗଡ଼ ବ୍ଲକ ସଭାପତି ମାଖୁନୁ ବରିହା, ବରପାଲି ବ୍ଲକ ସଭାପତି ଧର୍ମରାଜ ସିଂ ବରିହା, ଭେଡେନ ବ୍ଲକ ସଭାପତି ଛବିଳ ରାଏ, ଅତାବିରା ବ୍ଲକ ସଭାପତି ଭୁଷଣ ବିଶ୍ୱାଳ, ଭଟଲି ବ୍ଲକ ସଭାପତି ଗୋପାଳ ଭୁଏ, ବିଜେପୁର ବ୍ଲକ ସଭାପତି ଦୁର୍ଜନ ସିଂ ବରିହା, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ଝାରବନ୍ଧ ବ୍ଲକ ସଭାପତି ଯୋଗେନ୍ଦ୍ର ବରିହା, ପୁର୍ବତନ ଜିଲ୍ଲା ସଭାପତି ପାଣ୍ଡବ ବରିହା, ଗଣ୍ଡୱାନା ସମାଜ ମହା ସଚିବ ଧନେଶ୍ୱର ସିଂ, ରଘୁନାଥ କାଲୋ, ସତ୍ୟାନନ୍ଦ ବୁଡେକ, ବିଝାଂଲ ସମାଜ ଜିଲ୍ଲା ସଭାପତି ହାଡୁ ବରିହା, ଯଜ୍ଞେଶ୍ୱର ପଧାନ, ଭଟିଗାଁ ସରପଞ୍ଚ ହିମାଚଳ ସାହୁ ମଞ୍ଚାସିନ ଥିଲେ। ବରଗଡ଼ ଜିଲ୍ଲାର ୧୨ ଟି ବ୍ଲକରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଜିଲ୍ଲା ସଭାପତି ଗୋବିନ୍ଦ ବରିହା ସଭା ପରିଚାଳନା କରିଥିଲେ। ଜିଲ୍ଲା ସମ୍ପାଦକ ତ୍ରିଲୋଚନ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।






